ଧରିତ୍ରୀ
DHARITRI
October 8-14, 2023 ₹ 2/-

# ମନୋରଞ୍ଜନ



## ଉପକାରୀ କାମଧେନୁ ଗାଈ ମୂର୍ତ୍ତି

ହିନ୍ଦୁ ଧର୍ମରେ କାମଧେନୁ ନାମକ ଗାଈକୁ ବେଶ୍ ପବିତ୍ର ବୋଲି କୁହାଯାଏ ; ଯାହାକୁ ସମଦ୍ରମନ୍ଥନରୁ ପ୍ରାପ୍ତ କରାଯାଇଥିଲା । ଏହି ଗାଈ ଯାହା ପାଖରେ ରହୁଥିଲା ତାଙ୍କର ସବୁ ମନୋସ୍କାମନା ପୂର୍ଣ୍ଣ ହୋଇଯାଉଥିଲା । ବାସ୍ତୁଶାସ୍ତ୍ରରେ ବି ଏହି ଗାଈର ମୂର୍ତ୍ତିକୁ ଖୁବ୍ ଶୁଭ ବୋଲି କୁହାଯାଉଛି । ତେବେ ଏହି ଗାଈର ମୂର୍ତ୍ତିକୁ ଘରର କେଉଁ ସ୍ଥାନରେ ରଖିବା ଶୁଭ ହୋଇଥାଏ ଜାଣନ୍ତୁ ସେ ସମ୍ପର୍କରେ...

✲ ବାସ୍ତୁଶାସ୍ତ୍ର ଅନୁସାରେ, ଘରେ ସବୁବେଳେ ଏମିତି କାମଧେନୁ ଗାଈର ମୂର୍ତ୍ତି ରଖିବା ଦରକାର, ଯାହା ସହିତ ବାଛୁରୀ ବି ରହୁଥିବ । ଏହି ବାଛୁରୀକୁ ନନ୍ଦିନୀ ବୋଲି କୁହାଯାଇଥାଏ । ଏହି ମୂର୍ତ୍ତିକୁ ଘରେ



ରଖି ପୂଜା କଲେ ଅନେକ ଲାଭ ମିଳିଥାଏ । ଯେମିତିକି: ସୁଖ-ଶାନ୍ତି ବଢେ, ଜୀବନରୁ ସମସ୍ୟା ଦୂର ହୁଏ, ରୋଗବ୍ୟାଧିରୁ ମୁକ୍ତି ମିଳେ, ସନ୍ତାନ ସୁଖ ବି ମିଳିଥାଏ ବୋଲି ବିଶ୍ୱାସ ରହିଛି ।

✲ ବାସ୍ତୁଶାସ୍ତ୍ର ଅନୁଯାୟୀ, ଘରର ଐଶାନ୍ୟ କୋଣରେ କାମଧେନୁ ଗାଈ ସହିତ ବାଛୁରୀର ମୂର୍ତ୍ତି ରଖିବା ଖୁବ୍ ଶୁଭ ହୋଇଥାଏ ବୋଲି ବିଶ୍ୱାସ ରହିଛି ।

✲ ପୂଜାଘରେ ବି କାମଧେନୁ ଗାଈର ମୂର୍ତ୍ତି ରଖିବା ଶୁଭ ହୋଇଥାଏ । ଘରର ପ୍ରବେଶ ଦ୍ୱାର ନିକଟରେ ବି କାମଧେନୁ ଗାଈଙ୍କ ମୂର୍ତ୍ତି ରଖିଲେ ଜୀବନରେ ପ୍ରଗତି ଆସିଥାଏ ବୋଲି ମାନ୍ୟତା ରହିଛି ।

✲ ଆୟ ତୁଳନାରେ ବ୍ୟୟ ଅଧିକ ହେଉଥିଲେ, ଘର ହେଉ ଅବା ଅଫିସ୍ କିମ୍ବା ଦୋକାନର ଦକ୍ଷିଣ-ପଶ୍ଚିମ ଦିଗରେ କାମଧେନୁ ଗାଈର ମୂର୍ତ୍ତି ରଖି ନିୟମିତ ପୂଜା କଲେ ସୁଫଳ ମଳିଥାଏ ।

✲ ତମ୍ବା ହେଉ ଅବା ରୂପା କିମ୍ବା ପିତ୍ତଳରେ ତିଆରି କାମଧେନୁ ଗାଈଙ୍କର ମୂର୍ତ୍ତିକୁ ଘରେ ରଖିବା ଅତ୍ୟନ୍ତ ଶୁଭ ହୋଇଥାଏ ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

**ଅକ୍ଟୋବର ୮-୧୪**

### ମେଷ



ବନ୍ଧୁଙ୍କ ସୌଜନ୍ୟତା, ସୁସମ୍ପର୍କ ସ୍ଥାପନ, କାର୍ଯ୍ୟସିଦ୍ଧି, ଆର୍ଥିକ ଉନ୍ନତି, ଅର୍ଥ ସାହାଯ୍ୟପ୍ରାପ୍ତି, ଦୂରଯାତ୍ରାର ଯୋଜନା, ଲୋକସମ୍ପର୍କ ବୃଦ୍ଧି, ନିଷ୍ପତ୍ତିର ପରିବର୍ତ୍ତନ, ଦୈହିକ ସୁସ୍ଥତା, ପରୋକ୍ଷ ଶତ୍ରୁତା, ଶିଳ୍ପ ବାଣିଜ୍ୟରେ ଉନ୍ନତି, ଚଳଚ୍ଚିତ୍ର ଓ ସଙ୍ଗୀତରେ ରୁଚି ।।

### ବୃଷ



କର୍ମକ୍ଷେତ୍ରରେ ପ୍ରାଧାନ୍ୟତା, କଲ୍ୟାଣମୂଳକ କାର୍ଯ୍ୟ, ସଭାସମିତିକୁ ନିମନ୍ତ୍ରଣ, ଆର୍ଥିକ ଅଭିବୃଦ୍ଧି, ନୂତନବନ୍ଧୁ ସମ୍ପର୍କ, ମୂଲ୍ୟବାନ ଦ୍ରବ୍ୟ ଲାଭ, ଆନୁଷ୍ଠାନିକ ପ୍ରଶଂସା, ଶୁଭ ଖବରପ୍ରାପ୍ତି, ବିଦେଶଯାତ୍ରାର ସୁଯୋଗ ।।

### ମିଥୁନ



ସ୍ଥଗିତ କର୍ମାରମ୍ଭ, ପ୍ରଶାସନିକ ପରାମର୍ଶ, ଦୃଢନିଷ୍ପତି ନେବେ, ଦୈହିକ ସୁସ୍ଥତା, ସ୍ୱଜନଙ୍କ ଅସହଯୋଗ, ବିବାଦୀୟ ଘଟଣାର ସମୀକ୍ଷା, ଭ୍ରମଣଜନିତ କ୍ଲେଶ, ଆଶାବାଦୀ ହେବେ, ସାହିତ୍ୟାନୁରାଗୀ ହେବେ ।।

### କର୍କଟ



ସ୍ନାୟବିକ ଦୁର୍ବଳତା, ପରୋକ୍ଷ ଶତ୍ରୁତା, କାର୍ଯ୍ୟହାନୀରୁ ମନସ୍ତାପ, ଅର୍ଥ ସଂକଟ, ବିଷମ ପରିସ୍ଥିତି, ଅଶୌଚ ଖବର ପାଇବେ, ସହକର୍ମୀଙ୍କ ସହଯୋଗ, ପଡୋଶୀଙ୍କ ପ୍ରତାରଣା, ଲୋକ ସମ୍ପର୍କହାନୀ ।।

### ସିଂହ




ନୈତିକତାର ବିଜୟ, ବନ୍ଧୁଙ୍କ ବଦାନ୍ୟତା, କର୍ମକ୍ଷେତ୍ରରେ ପ୍ରତିଷ୍ଠା, ସମସ୍ୟା ଆସିପାରେ, ପାରିବାରିକ ସୌଖ୍ୟ, ବନ୍ଧୁ ବିଚ୍ଛେଦରୁ ଦୁଃଖ, ଅନ୍ୟମନସ୍କରୁ ବ୍ୟତିକ୍ରମ, ଭ୍ରମଣଜନିତ କ୍ଳାନ୍ତି ବୋଧ, ଧର୍ମକାର୍ଯ୍ୟ ପାଇଁ ପ୍ରେରଣା, ଦୈହିକ ସୁସ୍ଥତା ।।

### କନ୍ୟା



ଭୁଲ୍ ବୁଝାମଣା, କର୍ମକ୍ଷେତ୍ରରେ ଦ୍ୱନ୍ଦ୍ୱ, ସହକର୍ମୀଙ୍କ ସମାଲୋଚନା, ଟେନସନ୍ ବଢିବ, ପଡୋଶୀଙ୍କ ପରାମର୍ଶ, ତିର୍ଥାଟନରେ ଯୋଜନା, ପ୍ରତିବନ୍ଧକ ଦୂର ହେବ, ବ୍ୟବସାୟରେ ସଫଳତା, ବୈବାହିକ ସମ୍ପର୍କ ସୃଷ୍ଟି, ଆନୁଷ୍ଠାନିକ ପ୍ରଶଂସା, ଧର୍ମକାର୍ଯ୍ୟରେ ରୁଚି ।।

### ତୁଳା



ଆରୋଗ୍ୟ ଲାଭ, ଦୂରଯାତ୍ରାର ଯୋଜନା, ଅନିଦ୍ରାଜନିତ ପୀଡା, ପାରିବାରିକ ସମସ୍ୟା, ସ୍ୱାସ୍ଥ୍ୟବସ୍ଥାରେ ଉନ୍ନତି, ବନ୍ଧୁବର୍ଗଙ୍କ ସହାନୁଭୂତି, କର୍ମପରିସର ବୃଦ୍ଧି, ଲକ୍ଷ୍ୟ ପୂରଣ, ଆର୍ଥିକ ଦୂରବସ୍ଥା, ଲେଖାପଢାରେ କୁଶଳ ।।

### ବିଛା



ମାନସିକ ସ୍ଥିରତା, ଗୁରୁତ୍ୱପୂର୍ଣ୍ଣ ନିଷ୍ପତି, ମନ ବଦଳିଯିବ, ବନ୍ଧୁଙ୍କ ପ୍ରେରଣା, ଅର୍ଥଲାଭ, ଅତୀତ ଅନୁଚିନ୍ତା, ଆତ୍ମୀୟଙ୍କ ଆକ୍ଷେପୋକ୍ତି, ଘରୋଇ କଳହରୁ ଅଶାନ୍ତି, ସହକର୍ମୀଙ୍କ ବିଶ୍ୱାସ ଘାତକତା, ନିର୍ମାଣ କାର୍ଯ୍ୟରେ ଦ୍ୱନ୍ଦ୍ୱ, ଅପ୍ରିୟ ଭାଷଣରୁ କଳହ ।।

### ଧନୁ



ପ୍ରତୀକ୍ଷାଜନିତ ଉଦ୍‌ବେଗ, ସମ୍ପର୍କହାନୀରୁ କ୍ଷୋଭ, କ୍ରନିକ୍ ରୋଗରେ ପୀଡା, ଧର୍ମକାର୍ଯ୍ୟରେ ବିଘ୍ନ, ସଭାସମିତିରୁ ପ୍ରଶଂସା, ଭ୍ରାତୃସମ୍ପର୍କରେ ଉନ୍ନତି, ଯାନବାହନ ନବୀକରଣ, କରଜଦାତାଙ୍କ ଚାପ, ସ୍ତ୍ରୀଙ୍କ ସହ ମତାନ୍ତର ।।

### ମକର



ପ୍ରିୟବନ୍ଧୁଙ୍କୁ ମିଶିବେ, ଟେନ୍‌ସନ କମିଯିବ, ସାଂସ୍କୃତିକ କାର୍ଯ୍ୟକ୍ରମ, ଦୂରସ୍ଥାନକୁ ଯାତ୍ରା, ମକଦ୍ଦମାରେ ବିଜୟ, ଅପବ୍ୟୟରୁ ମନସ୍ତାପ, ମାଲିମକଦ୍ଦମାରେ ସଫଳତା, ସାହିତ୍ୟରେ ଉନ୍ନତି, ନୂତନ ନିଯୁକ୍ତି ପାଇବେ, କନ୍ୟାହେତୁକ ସମସ୍ୟା ।।

### କୁମ୍ଭ



କର୍ମଜଞ୍ଜାଳ ବୃଦ୍ଧି, ଶ୍ରଦ୍ଧାଆଦର ପାଇବେ, ଖଳଲୋକଙ୍କ ଅପପ୍ରଚାର, ପାରିବାରିକ ସୌଖ, ମିତ୍ରବନ୍ଧୁ ଜୁଟିବେ, ନୂତନ କର୍ମାରମ୍ଭ, ରୋଜଗାର ଭଲ ହେବ, ଭାତୃପ୍ରୀତି ମିଳିପାରେ, ଭ୍ରମଣ ସୁଯୋଗ ପାଇବେ, ନୀଚଜନଙ୍କ ସହ ବିବାଦ, ସରକାରୀ ସହାୟତା ପ୍ରାପ୍ତି ।।

### ମୀନ



କର୍ତବ୍ୟ ନିଷ୍ଠାରୁ ପ୍ରଶଂସା, ପାରିବାରିକ ଅଶାନ୍ତି, ସହକର୍ମୀଙ୍କ ସୌହାର୍ଦ୍ଦ୍ୟ, ସନ୍ତାନଙ୍କ ସମସ୍ୟା, ଆତ୍ମୀୟଙ୍କ ଅସହଯୋଗ, ନୂତନ ପ୍ରକଳ୍ପାରମ୍ଭ, ବନ୍ଧୁଙ୍କ ପ୍ରେରଣା, ରାଜକୀୟ ସମ୍ମାନପ୍ରାପ୍ତି, ଦ୍ୱନ୍ଦ୍ୱର ଅବସାନ, ଆଶଙ୍କାଗ୍ରସ୍ତ ହେବେ ।।

## ଭାଗ୍ୟ ବଦଳାଇବ ଫୁଲ

ଅପରାଜିତା, ଯିଏ କେବେ ବି ହାରେ ନାହିଁ ବା ଯାହାର କେବେ ବି ପରାଜୟ ନାହିଁ। ସେଥିପାଇଁ ଅପରାଜିତା ଫୁଲ ପ୍ରତି ଲୋକଙ୍କର ଥାଏ ଖୁବ୍ ଆଦର । କୁହାଯାଏ, ଅପରାଜିତା ଫୁଲର ଅନ୍ୟନାମ



ହେଉଛି ନୀଳକଣ୍ଠ । ମହାପ୍ରଭୁ ଶିବଙ୍କର ମଧ୍ୟ ଆଉ ଏକ ନାମ ହେଲା ନୀଳକଣ୍ଠ । ସେହିପରି ମା'ଦୁର୍ଗାଙ୍କର ମଧ୍ୟ ଅନ୍ୟ ଏକ ନାମ ହେଉଛି ଅପରାଜିତା । ତେଣୁ ଉଭୟ ଶିବ ଓ ଶକ୍ତିଙ୍କର ଖୁବ୍ ପ୍ରିୟ ହୋଇଥାଏ ଏହି ଅପରାଜିତା ଫୁଲ । ତା'ଛଡ଼ା ଏହି ଫୁଲ ଅତ୍ୟନ୍ତ ଗୁଣକାରୀ ଓ ଚମତ୍କାରୀ ମଧ୍ୟ ହୋଇଥାଏ । ଏହା ଘର ପ୍ରତି ଥିବା ନଜର ଦୋଷ ତଥା ତନ୍ତ୍ରମନ୍ତ୍ର ଦୋଷକୁ ଦୂର କରିବା ସହ ଘରର ଦୁଃଖଦୁର୍ଦ୍ଦଶା ଦୂର କରିବାରେ ବିଶେଷ ଭୂମିକା ଗ୍ରହଣ କରିଥାଏ । ବିଶେଷ କରି ଏହି ଫୁଲର ମାଳାକୁ ଆଣି ମୁଖ୍ୟଦ୍ୱାରରେ ଟାଙ୍ଗି ଦେଲେ ଘରକୁ କୌଣସି ନକରାତ୍ମକ ଶକ୍ତି ପ୍ରବେଶ କରିପାରେ ନାହିଁ ବୋଲି ବିଶ୍ୱାସ ରହିଛି । ସେହିପରି କୁହାଯାଏ, ଯଦି ପ୍ରତିଦିନ ମାତ୍ର ୧୧ଟି ଅପରାଜିତା ଫୁଲକୁ ମାତା ପାର୍ବତୀ କିମ୍ବା ମାତା ଦୁର୍ଗାଙ୍କୁ ଅର୍ପଣ କରାଯାଏ ତା'ହେଲେ ମା'ଙ୍କର କରୁଣା ଲାଭ ହେବା ସହ ଘରେ ଧନଧାନ୍ୟ ଭରିଯାଏ । ଅନ୍ୟପକ୍ଷେ ପ୍ରଭୁ ଶିବଙ୍କର ବି ଏହି ଫୁଲ ଖୁବ୍ ପ୍ରିୟ । ତାଙ୍କ କୃପା ଲଭିବାକୁ ହେଲେ ଶୁଦ୍ଧପୁତ ଭାବେ ନିୟମିତ ଏହି ଫୁଲ ତାଙ୍କୁ ଅର୍ପଣ କଲେ ଶୁଭଫଳ ପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ରହିଛି ।

## ପାଠକୀୟ

✲ ସାକ୍ଷୀ ସେ ନଟଖଟ୍ କୃଷ୍ଣଙ୍କ ବାଲ୍ୟଲୀଳାର । ପୁଣି ସାକ୍ଷୀ ରାଧାକୃଷ୍ଣଙ୍କ ଅମରପ୍ରେମର । ଶ୍ରୀହରିଙ୍କର ପ୍ରିୟ ସେ । ସେଥିପାଇଁ ତ ଲୋକେ କହନ୍ତି 'ହରିପ୍ରିୟା' । ପୁରାଣଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ, ବିଜ୍ଞାନ ପର୍ଯ୍ୟନ୍ତ ସବୁଠି ରହିଛି ଏହାର ସ୍ୱତନ୍ତ୍ରତା । ସେ ହେଉଛି ଦିବ୍ୟ କଦମ୍ବ । ତେଣୁ ଏଭଳି ଏକ ଉପାଦେୟ ବିଷୟକୁ ନେଇ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ଦିବ୍ୟ ପୁଷ୍ପ କଦମ୍ବ'ଟି ଏକ ସୁନ୍ଦର ଆଲେଖ୍ୟ ଥିଲା । 'କେଉଁ ଜିନିଷ ଉଧାର ଆଣିବେ ନାହିଁ', 'ଗୁଣକାରୀ ହଳଦୀ' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା ।

*– ନବକୃଷ୍ଣ ସାହୁ, ଚକ୍ରତୀର୍ଥ ରୋଡ, ପୁରୀ-୨*

✲ ନିଦାଘ ତାତି ପରେ ଯେବେ ମୌସୁମୀର ପ୍ରଥମ ଛିଟା ଧରାବକ୍ଷରେ ପଡେ ସେବେ ଫୁଟେ ଦିବ୍ୟ ପୁଷ୍ପ କଦମ୍ବ । ଆଉ ତା'ର ଦିବ୍ୟ ମନୋହର ମହକ ସାରା ପରିବେଶକୁ କରିଦିଏ ପ୍ରେମମୟ । ପୁରାଣଠୁ ଆରମ୍ଭ କରି ସ୍ୱାସ୍ଥ୍ୟ, ବିଜ୍ଞାନ ପର୍ଯ୍ୟନ୍ତ ସବୁଠି ରହିଛି ଏହାର ମହତ୍ୱ । ତେଣୁ 'ଦିବ୍ୟ ପୁଷ୍ପ କଦମ୍ବ'କୁ ନେଇ ସ୍ୱତନ୍ତ୍ର ଭାବେ ଉପସ୍ଥାପନା କରାଯାଇଥିବା ପ୍ରଚ୍ଛଦ ପ୍ରସଙ୍ଗଟି ଏକ ନିଆରା ଆଲେଖ୍ୟ ଥିଲା । ଲାଇଫ୍‌ଷ୍ଟାଇଲ୍ ପୃଷ୍ଠାରୁ 'ଲଟକନ୍ ଫ୍ୟାଶନ' ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା । *– ତାପସ ଦାଶ, ଲିଙ୍କରୋଡ୍, କଟକ*

✲ ବ୍ୟକ୍ତିତ୍ୱ ପୃଷ୍ଠାରୁ ପ୍ରତିଭାର ବିଭିନ୍ନ ଅଧ୍ୟାୟ କୁଞ୍ଜବିହାରୀ ଉପାଧ୍ୟାୟଙ୍କ ଜୀବନି ସମ୍ପର୍କରେ ବହୁ ଅଜଣା କଥା ଜାଣି ଖୁସି ଲାଗିଲା । ସୃଜନ ପୃଷ୍ଠାରେ ସ୍ଥାନିତ 'ଚିଠି' ଶୀର୍ଷକ ଗପ ଏବଂ 'ଘର' ଓ 'ରୂପାନ୍ତର' ଶୀର୍ଷକ କବିତା ଦୁଇଟି ବେଶ୍ ମନଛୁଆଁ ହୋଇଥିଲା । ସିନେମା ପୃଷ୍ଠାଟି ଖୁବ୍ ଆକର୍ଷଣୀୟ ଲାଗୁଥିଲା । ବିଶେଷକରି ଏଥିରେ ସ୍ଥାନିତ 'ସାରାଙ୍କ ମେକ୍‌ଅପ୍ କିଟ୍', 'ଶାହରୁଖ ହିଁ ବେଷ୍ଟ', 'ଏକାଥରେ ହ୍ୟାଟ୍ରିକ୍' ଆଦି ପାଠର ଉପସ୍ଥାପନା ଶୈଳୀ ବେଶ୍ ମଜାଦାର୍ ଥିଲା ।

*– ଶ୍ରୀଧର ପ୍ରଧାନ, ସୋର, ବାଲେଶ୍ୱର*

✲ କବି ସୁଜାତା ମିଶ୍ରଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ଯେତିକି ପ୍ରେରଣାଦାୟୀ ଥିଲା ସେତିକି ମନଛୁଆଁ ବି ହୋଇଥିଲା । ଚିତ୍ରଶିଳ୍ପୀ ତଥା କଳା ଶିକ୍ଷୟିତ୍ରୀ ଜୟଶ୍ରୀ ଜେନାଙ୍କ ଚିତ୍ର ଦୁନିଆ ଦେଖି ବେଶ୍ ଖୁସି ଲାଗିଲା । ସହର ପୃଷ୍ଠାରୁ 'ବନ୍ୟପ୍ରାଣୀ ଅଭୟାରଣ୍ୟ ତାଲଛାପର' ସମ୍ପର୍କରେ ବହୁ ଅଜଣା କଥା ଜାଣି ଖୁସି ଲାଗିଲା ।

*– ସୌମେନ୍ଦ୍ର ପ୍ରୀୟଦର୍ଶୀ, ପଳାଶୁଣୀ, ଭୁବନେଶ୍ୱର*

✲ ବିବିଧା ପୃଷ୍ଠାରୁ 'ଆତ୍ମସମର୍ପଣ ଓ ଧଳା ପତାକା' ସମ୍ପର୍କରେ ବହୁ ଉପାଦେୟ କଥା ଜାଣିହେଲା । 'ସୀତାଙ୍କ ଚରଣକୁ ରାବଣର ବନ୍ଦନା' ଶୀର୍ଷକ ବ୍ୟଙ୍ଗଟି ବି ବେଶ୍ ଶିକ୍ଷଣୀୟ ଥିଲା । ସେହିପରି ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ସ୍ୱେଟରର ଦାମ ୯ କୋଟି', 'ମାଛ ଭିତରେ ମାଛ', 'ବୟଫ୍ରେଣ୍ଡ ତକିଆ' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ବେଶ୍ ମଜାଦାର୍ ଥିଲା ।

*– ସୁସ୍ମିତା ସାମନ୍ତରାୟ, ଡୁମୁଡୁମା, ଭୁବନେଶ୍ୱର*

## ବିଶେଷ ଚିଠି




ଦିବ୍ୟ ପୁଷ୍ପ କଦମ୍ବକୁ ନେଇ
ଥିଲା ଏଥରର ପ୍ରଚ୍ଛଦ,
ଶିଖାଇଲା ଅନେକ କଥା
ଜଣାଇଲା ନୂଆନୂଆ ପ୍ରସଙ୍ଗ ।
ସାଥୀର ଉତ୍ତର କରୁଥିଲା କିମିଆ
ସିନେମାର ଖବର ମନେ ଜଳାଇଲା ନିଆଁ,
ତା'ସାଙ୍ଗକୁ ପୁଣି ସହର ଓ ସୃଜନ
କେତେ କଥା କହୁଥିଲା ବିବିଧାର ଲେଖାମାନ ।
ସତରେ ଛୁଟିଦିନ ତୁମେ ସର୍ବୋତ୍ତମ
ତୁମ ପରି ଆଉ କେହି ନୁହେଁ ଉତ୍ତମ ।

*– ରାହାସ ବିହାରୀ ମହାନ୍ତି, ଆଳି, କେନ୍ଦ୍ରାପଡ଼ା*

**ଧରିତ୍ରୀ ଛୁଟିଦିନ**

**ସମ୍ପାଦକ: ତଥାଗତ ସତପଥୀ**

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com


ଧରିତ୍ରୀ
DHARITRI
October 8-14, 2023

# ଛୁଟିଦିନ

# ମାଟି ଦେଇଛି ପରିଚୟ

ପ୍ରଚ୍ଛଦ ପ୍ରସଙ୍ଗ ୪

ଖୁସିରେ ମାଟି କଣ୍ଢେଇ ଗଢିବାକୁ ଭଲ ପାଉଥିଲେ। କିନ୍ତୁ ଆଜି ସେଇ ମାଟି କଣ୍ଢେଇ ଏମାନଙ୍କର ପରିଚୟ ପାଲଟିଛି...



# ମାଟି ଦେଇଛି ପରିଚୟ

## ଖୁସିରେ ମାଟି କଣ୍ଢେଇ ଗଢିବାକୁ ଭଲ ପାଉଥିଲେ। କିନ୍ତୁ ଆଜି ସେଇ ମାଟି କଣ୍ଢେଇ ଏମାନଙ୍କର ପରିଚୟ ପାଲଟିଛି...



ଦିନେ ଯେତେବେଳେ ପିଲାଟିଏ ଖେଳିବା ବୟସର ହେଉଥିଲା ମାଟି ଥିଲା ତା’ ପାଇଁ ପ୍ରଥମ ଆକର୍ଷଣ। ମାଟିରେ ଖେଳିବା ସହିତ ମାଟିକୁ ନେଇ ବିଭିନ୍ନ ଆକୃତି ଗଢିବାରେ ପିଲାଟି ଖୁସି ପାଉଥିଲା। ଆଉ ଏଇଠି ହିଁ ପଡୁଥିଲା ପିଲାଟିର ସର୍ଜନଶୀଳତାର ପ୍ରଥମ ମୂଳଦୁଆ। ପୁଅଟିଏ ହୋଇଥିଲେ ମାଟିରେ ବିଭିନ୍ନ ମୂର୍ତ୍ତି ଗଢୁଥିଲା, ଆଉ ଝିଅଟିଏ ହୋଇଥିଲେ ମାଟି ଚୁଲି, ମାଟି ହାଣ୍ଡି କରି ମିଛି ମିଛିକା ଖେଳ ଖେଳୁଥିଲା। ତାଙ୍କର ଏଇ ଖେଳକୁ ଦେଖି ସହଜରେ ବୁଝି ହେଉଥିଲା ଏହା ଝିଅଟିଏ କରିଛି ଓ ଏହା ପୁଅଟିଏ କରିଛି। ସମୟ କ୍ରମେ ପିଲା ବଡ ହେଉଥିଲେ। ତେଣୁ ମାଟି ହିଁ ପିଲାମାନଙ୍କ ପ୍ରଥମ ସୃଜନଶୀଳତାର ମୂକ ସାକ୍ଷୀ ଥିଲା। ଆଉ ଏଇ ମାଟିର କଳା କାରିଗରୀ ପରବର୍ତ୍ତୀ ସମୟରେ ଅନେକଙ୍କର ପରିଚୟ ତିଆରି କଲା। ଆମେ ଏଠାରେ ସେମିତି କେତେଜଣ ମାଟି କାରିଗରଙ୍କ ସମ୍ପର୍କରେ ଉଲ୍ଲେଖ କରୁଛୁ ଯେଉଁମାନଙ୍କୁ ମାଟି ଦେଇଛି ପରିଚୟ।

**ମାଟି କଣ୍ଢେଇ ଦେଇଛି ପରିଚୟ:** ମାଟିପାତ୍ର ଗଢ଼ିବା ପାଇଁ ଯେପରି କୁମ୍ଭାର କାରିଗରଙ୍କ ଏକ ନିର୍ଦ୍ଦିଷ୍ଟ ପଦ୍ଧତି ରହିଛି। ସେମିତି ମାଟିର କଣ୍ଢେଇ ଓ ମୂର୍ତ୍ତି ଗଢୁଥିବା ଶିଳ୍ପୀଙ୍କ କେତେକ ପଦ୍ଧତି ରହିଛି। ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅଧୀନ କୁଇବାହାଲ ଗାଁର **ମୁକୁନ୍ଦ ରଣା** କୁହନ୍ତି, ମୋ ବାପା ବୃଷଭ ରଣାଙ୍କଠାରୁ ହସ୍ତଶିଳ୍ପ କାମ ଶିଖିଥିଲି। ଏହା ଆମର କୌଳିକ ବୃତ୍ତି । ମାଟିର ହାତୀ, ଘୋଡ଼ା, ସୁଖୀ ପରିବାର, ଲଙ୍କାପୋଡ଼ି ହନୁମାନ, ତୁଳସୀ ଚଉଁରା, ବିଭିନ୍ନ ପଶୁପକ୍ଷୀଙ୍କ କଣ୍ଢେଇ ତିଆରି କରିଥାଏ। ତିଆରି କରିବା ପରେ କଣ୍ଢେଇକୁ ଖରାରେ ଶୁଖାଇ ସେଥିରେ ରଙ୍ଗ ଦେଇଥାଉ। ଆଉ କେତେକ ମାଟିର କଳାକୃତିକୁ ଭାଟିରେ ପୋଡ଼ି ସେଥିରେ ରଙ୍ଗ ଦେଇଥାଉ। ୩୩ ବର୍ଷ ଧରି ଏଇ କାମ କରିଆସୁଛି। ଏହି ମୂର୍ତ୍ତି କାମ ପାଇଁ ଦିଲ୍ଲୀ, କୋଲକାତା, ଡେରାଡୁନ, ନୈନିତାଲ, ଅହମ୍ମଦବାଦ, କଲିକତା, ଚେନାଇ, ବମ୍ବେ ଆଦି ଅନେକ ସହରକୁ ଯାଇଛି। ଏଥିପାଇଁ ୨୦୦୯ ମସିହାରେ ରାଜ୍ୟ ହସ୍ତଶିଳ୍ପ ଦକ୍ଷତା ପ୍ରମାଣପତ୍ର, ୨୦୧୭ ମସିହାରେ ଜାତୀୟ ସ୍ତରୀୟ ହସ୍ତଶିଳ୍ପ ଦକ୍ଷତା ପ୍ରମାଣପତ୍ର ମିଳିଛି। ବିଭିନ୍ନ ଅନୁଷ୍ଠାନ ତରଫରୁ ଏକାଧିକ ପୁରସ୍କାର ମିଳିଛି। ବିଭିନ୍ନ ଅଞ୍ଚଳରେ ଆୟୋଜିତ ମେଳା ଯଥା ତୋଷାଳି, ଶିଶିର ସରସ ଆଦି ହସ୍ତଶିଳ୍ପ ମେଳାରେ ମାଟିର ବିଭିନ୍ନ କଣ୍ଢେଇ ବିକ୍ରି କରିବାକୁ ନେଇଥାଏ। ଆଜି ମୁଁ ବହୁତ ଖୁସି ଯେ, ପିଲାବେଳେ ଏଇ ଖୁସିରେ ଖୁସିରେ ଗଢୁଥିବା ମାଟି କଳାକୃତୀ ଆଜି ମତେ ପରିଚୟ ଦେଇଛି।





**ମାଟି କଣ୍ଢେଇ ଦେଉଛି ରୋଜଗାର:** ପୁରୀ ଜିଲା ପାରିକୁଦ ଅଞ୍ଚଳର ଶିଳ୍ପୀ **ରବୀନ୍ଦ୍ର ପ୍ରଧାନ।** ମାଟି କଣ୍ଢେଇ ଶିଳ୍ପୀ ଭାବରେ ସେ ବେଶ୍ ପରିଚିତ। ମାଟି ଶିଳ୍ପୀ ହେବା ସମ୍ପର୍କରେ ସେ କୁହନ୍ତି, ‘ଆମ ଅଞ୍ଚଳରେ ବିଭିନ୍ନ ପୂଜାପାର୍ବଣ ସମୟରେ ବିଭିନ୍ନ ମୂର୍ତ୍ତି ପାଇଁ ବରାଦ ଆସିଥାଏ। ତେଣୁ ମୁଁ ବିଭିନ୍ନ ଦେବୀଦେବତା ଯେମିତିକି ଗଣେଶ, ଗଜଲକ୍ଷ୍ମୀ, ସରସ୍ୱତୀ, କାଳୀଙ୍କର ମୂର୍ତ୍ତି ଗଢ଼ିଥାଏ। ଏହାବାଦ ଖାଲି ସମୟରେ ମାଟିର ବୁଦ୍ଧମୂର୍ତ୍ତି, ବାଘ, ଗାଈ, ଚଢେଇ, ପକ୍ଷୀ ଆଦି ବିଭିନ୍ନ କଣ୍ଢେଇ ଆଦି ତିଆରି କରିଥାଏ। ଯେଉଁଥିପାଇଁ ମୋତେ ଏକାଧିକ ଅନୁଷ୍ଠାନ ତରଫରୁ ସମ୍ମାନିତ କରାଯାଇଛି। ମାଟିର ମୂର୍ତ୍ତି ଗଢିବା ପାଇଁ ମତେ ମତେ ଏକ ସ୍ୱତନ୍ତ୍ର ପଦ୍ଧତି ଅନୁସରଣ କରିବାକୁ ପଡ଼ିଥାଏ। ପ୍ରଥମେ ଓଦାମାଟିକୁ ଚକଟି ଏକ ଅଲଗା ସ୍ଥାନରେ ରଖିବାକୁ ପଡ଼େ । ତାପରେ ଆବଶ୍ୟକ ପରିମାଣର ବାଲି ମିଶାଇ ମାଟିପିଣ୍ଡି ବା ଗୁଳାକରି ସେଥିରୁ ଗୋଡ଼ି ବଛାଯାଇଥାଏ। ତା’ପରେ ଛାଞ୍ଚରେ ସେହି ଚକଟାମାଟିକୁ ରଖି ବିଭିନ୍ନ କଳାକୃତି ଗଢିଥାଉ। ଛାଞ୍ଚରେ ହେଉ ଅବା ହାତତିଆରି ହେଉ, କଣ୍ଢେଇଗୁଡ଼ିକ ରୂପ ନେବାପରେ ଛାଇରେ ଶୁଖେଇବାକୁ ପଡ଼େ। ଯେପରି ଅଳ୍ପ ଅଳ୍ପ ଓଦା ରହିପାରିବ ସେଥିପ୍ରତି ନଜର ରଖିବାକୁ ପଡ଼ିଥାଏ। ପରେ ପିଣ୍ଡ, ପିଟଣା ଓ ଗେଣ୍ଡା ସାହାଯ୍ୟରେ ସେହି ଓଦାମାଟିର କଣ୍ଢେଇକୁ ଫିନିସିଙ୍ଗ କରାଯାଇଥାଏ। ପରେ ସେଗୁଡ଼ିକୁ ଖରାରେ ଶୁଖାଯାଇଥାଏ। ଏହାପରେ ଖଡ଼ି ବୋଳାଯାଇ ଶୁଖାଯାଇ ସେଥିରେ ବିଭିନ୍ନ ରଙ୍ଗ ବୋଳାଯାଇଥାଏ। ଆଜିକାଲି ବିଭିନ୍ନ ମେଳା ଓ ପ୍ରଦର୍ଶନୀ ଆଦିରେ ଏହି କଣ୍ଢେଇଗୁଡିକର ବେଶ୍ ଚାହିଦା ଦେଖିବାକୁ ମିଳୁଛି। ଯେଉଁଥିପାଇଁ ଓଡ଼ିଶାର ବିଭିନ୍ନ ସ୍ଥାନରେ କଳାକାରମାନେ ଏଇ ମାଟି କଣ୍ଢେଇ ଗଢିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି। ଯାହା ଏବେ ସେମାନଙ୍କୁ ଏକ ଭଲ ରୋଜଗାର ବି ଦେଇ ପାରୁଛି।

**କଳା ମତେ ଦେଇଛି ସମ୍ମାନ:** ଛୋଟବେଳେ ଘରେ ମା’ଙ୍କୁ କଣ୍ଢେଇ ତିଆରି କରିବାର ଦେଖିଲେ ତାଙ୍କୁ ଖୁବ୍ ଭଲ ଲାଗୁଥିଲା। ସମୟକ୍ରମେ ଏହି କଳା →




ଅବନ୍ତୀ ମହାରଣା


ମଞ୍ଜୁଲତା ମହାପାତ୍ର


ମୁକୁନ୍ଦ ରଣା


ନରୋତ୍ତମ ଦାସ


ରବୀନ୍ଦ୍ର ପ୍ରଧାନ


ସରୋଜ କୁମାର ରାଉତ

ତାଙ୍କରି ପାଖରେ ବସି କଣ୍ଢେଇ ତିଆରିକୁ ଖୁବ୍ ନିରିଖେଇ ଦେଖୁଥିଲେ। ପରେ ନିଜେ ନିଜେ ବସି କଳାକୃତି ଗଢିଲେ। ଏହି ଖୁସିରେ ଗଢୁଥିବା ବିଭିନ୍ନ କଳାକୃତୀ ଆଜି ତାଙ୍କୁ ଦେଇଛି ପରିଚୟ। ସେ ହେଲେ ଶିଳ୍ପୀ **ନରୋତ୍ତମ ଦାସ** । ସେ କୁହନ୍ତି- ପାଠପଢ଼ା ଅପେକ୍ଷା ବିଭିନ୍ନ ମୂର୍ତ୍ତି ତିଆରିରେ ବହୁତ ସମୟ ବିତାଉଥିଲି। ଥରେ ଆମ ଗାଁର ଧନେଶ୍ୱର ଦାଦାଙ୍କ ଘରକୁ ଶିଳ୍ପୀ ଦେବରାଜ ସାହୁ ଆସିଥିଲେ। ତାଙ୍କଠାରୁ କାରିଗରି କାମ ଶିଖିବି ବୋଲି କହିଥିଲି। ସମୟକ୍ରମେ ୧୦ମ ପାସ୍‌କରି ଭୁବନେଶ୍ୱର ଗଣ୍ଡମୁଣ୍ଡାଠାରେ ପ୍ରାୟ ୨ବର୍ଷଧରି ଟେରାକୋଟା ବିଭାଗରେ ତାଲିମ ନେଲି। ତା'ପରେ କିଛିବର୍ଷ ବେଙ୍ଗାଲୁରୁ ଯାଇ ସେଠାରେ ସେରାମିକ୍ କୋର୍ସ କଲି। ଚଣ୍ଡିଗଡ଼ରେ ୨ ବର୍ଷ ପେଣ୍ଟିଂରେ ଡିପ୍ଲୋମା କୋର୍ସ ସାରିଛି। ଧଉଳି ଚାରୁକଳା ମହାବିଦ୍ୟାଳୟରେ ସ୍ଥପତିରେ ୫ବର୍ଷ କୋର୍ସ ସାରିଲି। ୧୯୯୬ରୁ ଆର୍ଟକାମ କରିଆସୁଛି। ବିଭିନ୍ନ ପୌରାଣିକ କଥାବସ୍ତୁ ଛଡା ନାରୀର ବିଭିନ୍ନ ଅବସ୍ଥା ହେଉଛି ମୋ ସେରାମିକ୍ କଳାକାରିଗରିର ବିଶେଷତ୍ୱ। ସେହିପରି ଆଦିବାସୀ କଳାକୁ ନେଇ ପାରମ୍ପରିକ ଓ ଆଧୁନିକ ଶୈଳୀରେ ମୂର୍ତ୍ତି ତିଆରି କରିଥାଏ। ମହାରାଷ୍ଟ୍ରରେ କେଭିଆଇସିରେ ପ୍ରାୟ ୧୨ବର୍ଷ ଧରି ସିନିୟର ଇନ୍‌ଷ୍ଟ୍ରକ୍ଟର ଭାବେ କାମ କରିଥିଲି। ମୋର ଏହି କଳାକୃତି ପାଇଁ ଆମ ରାଜ୍ୟ ଛଡା ଦେଶର ବିଭିନ୍ନ ରାଜ୍ୟ ଓ ବିଦେଶରେ ଆୟୋଜିତ ସେରାମିକ୍ ୱାର୍କଶପ ଶିବିରରେ ଯୋଗଦେଇଛି। ଯେଉଁଥିପାଇଁ ରାଜ୍ୟ ତଥା ଜାତୀୟ ସ୍ତରର ବିଭିନ୍ନ ପୁରସ୍କାର ଓ ସମ୍ମାନରେ ସମ୍ମାନିତ ହୋଇଛି। ଚଳିତବର୍ଷ ୨୦୨୩ ରାଷ୍ଟ୍ରୀୟ ଲଳିତକଳା ଏକାଡେମୀ ତରଫରୁ ପୁରସ୍କାର ପାଇଁ ମନୋନୀତ ହୋଇଛି। ଏହି କଳାକୃତିର ଲୋକପ୍ରିୟତା ଦିନକୁ ଦିନ ବଢୁଥିବା ବେଳେ ଏହି କଳା ପ୍ରତି ନୂତନ ପିଢ଼ିଙ୍କ ଆଗ୍ରହ ବଢୁଛି।

**କଣ୍ଢେଇ କରିଛି ଆତ୍ମନିର୍ଭରଶୀଳ:** ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ନାନା ପ୍ରକାର ହସ୍ତଶିଳ୍ପ ଓ କଳାକାରିଗରି ଦେଖିବାକୁ ମିଳେ। ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅଧୀନ କରଡ଼ଗାଡ଼ିଆ ଗାଁର ଗୋବରତିଆରି କଣ୍ଢେଇ ପାଇଁ ପରିଚୟ ରହିଛି। ଏ ସମ୍ପର୍କରେ ଶିଳ୍ପୀ **ମଞ୍ଜୁଲତା ମହାପାତ୍ର** କୁହନ୍ତି, 'ପ୍ରାୟ ୫୦ ବର୍ଷ ଧରି ଗୋବରରେ ବିଭିନ୍ନ ପ୍ରକାର କଣ୍ଢେଇ ତିଆରି କରିଆସୁଛି। ଏଥିପାଇଁ ଅନେକ ସ୍ଥାନରୁ ପୁରସ୍କୃତ ହୋଇଛି। ଏହି କଣ୍ଢେଇ ତିଆରି ପୂର୍ବରୁ ପ୍ରଥମେ ଗାଈ ଗୋବର ଏବଂ କାଠ କଟାଯାଉଥିବା କରତଗୁଣ୍ଡ ସଂଗ୍ରହ କରି ରଖିବାକୁ ହୁଏ। ତା'ପରେ ଗୋବରରେ ମାଟି, କରତଗୁଣ୍ଡ ଓ ଫେବିକଲ ଅଠା ମିଶାଇ ଭଲଭାବେ ଚକଟି କଳାକୃତିର ଛାଞ୍ଚରେ ସେହି ଚକଟାକୁ ପୂରାଇବାକୁ ହୁଏ। ତା'ପରେ କଳାକୃତିର ଆକୃତି ତିଆରି ହୋଇଥାଏ। ତା'ପରେ ତାକୁ ଛାଞ୍ଚରୁ ବାହାରକରି ଖରାରେ ଶୁଖାଇବାକୁ ପଡ଼ିଥାଏ। ଏହାପରେ ବାଲିକାଗଜକୁ ହାଲୁକାରେ ଘଷି କଣ୍ଢେଇକୁ ଚିକ୍କଣ କରାଯାଏ। ତା'ପରେ କଣ୍ଢେଇରେ ଖଡ଼ିଗୁଣ୍ଡର ପ୍ରଲେପ ବୋଳି କିଛି ସମୟ ଖରାରେ ଶୁଖାଇବାକୁ ହୁଏ। ପରେ ସେଥିରେ ବିଭିନ୍ନ ରଙ୍ଗ ବୋଳାଯାଇଥାଏ। ଗୋଟିଏ ଗୋଟିଏ କଣ୍ଢେଇ କଳାକୃତିକୁ ୧୦ରୁ ଆରମ୍ଭକରି ୫୦୦ ଟଙ୍କା ପର୍ଯ୍ୟନ୍ତ ବିକ୍ରି କରାଯାଇଥାଏ। ଏହି କଣ୍ଢେଇ ଆଜି ମତେ ଆତ୍ମନିର୍ଭରଶୀଳ କରିଛି। ମୋତେ ରୋଜଗାର ଦେଉଛି।

**ଆମ ପରମ୍ପରାର ଏକ ଅଂଶ ଗୋବର କଣ୍ଢେଇ:** ଗଞ୍ଜାମ ଜିଲାର ପୋଲସରା ବ୍ଲକ ଅଧୀନ ମଥୁରା ଗାଁର ଶିଳ୍ପୀ **ଅବନ୍ତୀ ମହାରଣା।** ଗୋବର କଣ୍ଢେଇ ପ୍ରସ୍ତୁତ କରିବାରେ ସେ ବେଶ୍ ଧୁରନ୍ଧର। ସେ କୁହନ୍ତି, ଜେଜେମା ଓ ମା' କଣ୍ଢେଇ ତିଆରି କରୁଥିଲେ। ପିଲାଦିନୁ ତାଙ୍କୁ ଦେଖି ଦେଖି ମୁଁ ଆପେ ଆପେ କଣ୍ଢେଇ ତିଆରି କରିବା ଶିଖିଗଲି। ସମୟକ୍ରମେ ୨୦୦୧ରେ ବିବାହ ହୁଏ ମଥୁରା ଗ୍ରାମର ପଟ୍ଟଚିତ୍ର ଶିଳ୍ପୀ ତଥା କଳା ଶିକ୍ଷକ ରବିନ୍ଦ୍ର କୁମାର ମହାରଣାଙ୍କ ସହ। ସ୍ୱାମୀଙ୍କ ସଂସ୍ପର୍ଶରେ ଆସିବା ପରେ ମୋର କଳା କାରିଗରି ପ୍ରତି ଆକର୍ଷଣ ଆହୁରି ବଢ଼ିଗଲା। ପରେ ମୁଁ ପଟ୍ଟଚିତ୍ର ସହ କାଠ କଣ୍ଢେଇ, ଗୋବର କଣ୍ଢେଇ, କାଗଜ ମୁଖା ଆଦି ତିଆରି କଲି। ଯାହା ବିଭିନ୍ନ କଳା ପ୍ରଦର୍ଶନୀରେ ପ୍ରଦର୍ଶିତ ହୋଇ ପ୍ରଶଂସା ସାଉଁଟିଲା। ସମୟ ଥିଲା ମଥୁରାର ଗୋବର କଣ୍ଢେଇ ଝିଅମାନେ ଶାଶୁଘରକୁ ଗଲାବେଳେ ସାଙ୍ଗରେ ନେଇକି ଯାଉଥିଲେ। ଯାହା ଅଦ୍ୟାବଧି ବି ଅନେକ ସ୍ଥାନରେ ଜାରି ରହିଛି। ଏକଥା କୁହାଯାଇପାରେ ଗୋବର କଣ୍ଢେଇ କେବଳ ରୋଜଗାର ଦେଉନି ଆମ ପରମ୍ପରାର ଏକ ଅଂଶ ହୋଇ ରହିଛି।


**ଟେରାକୋଟାର ସ୍ଥାନ ସ୍ୱତନ୍ତ୍ର:** ପିଲାଦିନେ ଘରେ ମାଣବସା ଝୋଟି ଚିତା ଦେଖି ଦେଖି ଝୋଟି ପକାଇବା ଶିଖିଗଲେ। ପୁଣି ଗାଁରେ ଖୁଦୁରୁକୁଣୀ ମୂର୍ତ୍ତି କି ଗଣେଶ ମୂର୍ତ୍ତି ଦରକାର ହେଲା ତ ମୂର୍ତ୍ତି ଗଢ଼ିବା ବି ଶିଖିଗଲେ। ଆଉ ଏମିତି ମୂର୍ତ୍ତି ତିଆରି କରୁ କରୁ ଶେଷରେ ସେ ପାଲଟିଗଲେ ଟେରାକୋଟା ମୂର୍ତ୍ତି କାରିଗର। ଇଏ ହେଲେ ଶିଳ୍ପୀ **ସରୋଜ କୁମାର ରାଉତ।** ସେ କୁହନ୍ତି, 'ମୋର ଚିତ୍ରାଙ୍କନ ଭଲ ହେଉଥିବାରୁ ଶିକ୍ଷକମାନେ ପ୍ରଶଂସା କରି କହୁଥିଲେ, ପାଠରେ ନ ହେଲେ ନାହିଁ ଚିତ୍ରରେ ତୁ ଦିନେ ନାଁ କରିବୁ ! ଏହି କଥାପଦକୁ ମୁଁ ସବୁବେଳେ ମନେ ମନେ ଭାବୁଥିଲି। ଦଶମ ପଢ଼ା ପରେ ହସ୍ତଶିଳ୍ପ କଳାରେ ତାଲିମ ନେବା ପାଇଁ ଭୁବନେଶ୍ୱର ଆସିଲି। ଗୁରୁ ସ୍ୱର୍ଗତ ଦେବରାଜ ସାହୁ ମୋତେ ପୋଡ଼ାମାଟିର କଳାକୃତି ଶିକ୍ଷା ଦେଲେ। ହସ୍ତଶିଳ୍ପ କଳାରେ ୨ ବର୍ଷ ତାଲିମ ପାଇଁ ଟେରାକୋଟା ବିଭାଗରେ ନାମ ଲେଖିଲି। ଆର୍ଥିକସ୍ଥିତି ଖରାପ ଥିବାରୁ ଭୁବନେଶ୍ୱରରେ ରହି ଆର୍ଟ ଟ୍ୟୁଶନ କଲି। ଏହି କଳାରେ ଆହୁରି ଆଗକୁ ଯିବା ଲାଗି ଧଉଳି ଚାରୁକଳା ମହାବିଦ୍ୟାଳୟରେ ୫ବର୍ଷ ସ୍ଥାପତ୍ୟ କଳାରେ ଅଧ୍ୟୟନ କଲି। ପରେ ଲଳିତକଳା ଆଞ୍ଚଳିକ କେନ୍ଦ୍ରରେ ସେରାମିକ୍ କଳାକାରିଗରି ଶିଖିଲି ଏବଂ ହସ୍ତକଳା କେନ୍ଦ୍ରରେ ଟେରାକୋଟା ସମ୍ପର୍କରେ ତାଲିମ ପାଇଲି। ଏଯାଏ ୭ଶହରୁ ଊର୍ଦ୍ଧ୍ୱ ବିଭିନ୍ନ କଳାକୃତି ତିଆରି କରିସାରିଲାଣି । ତିଆରି କରିଥିବା ପ୍ରାୟ ୭ଫୁଟର ଏକ ଟେରାକୋଟାର ରଥଚକ କଳାକୃତି ରାଜ୍ୟ ସଂଗ୍ରହାଳୟରେ ସ୍ଥାନ ପାଇଛି। ରାଜ୍ୟ ସହ ରାଜ୍ୟ ବାହାରର ବିଭିନ୍ନ ସେରାମିକ୍ ୱାର୍କଶପ ଶିବିରରେ ଯୋଗଦେଇଛି। ରାଜ୍ୟସ୍ତରୀୟ ହସ୍ତକଳା ପୁରସ୍କାର ଏବଂ ରାଜ୍ୟ ଲଳିତକଳା ଏକାଡେମୀ-୨୦୧୭, ଜୁନିୟର ଫେଲୋଶିପ ୱାର୍କ ସାର୍ଟିଫିକେଟ ମିଳିଛି। ରାଷ୍ଟ୍ରୀୟ ଲଳିତକଳା ଏକାଡେମୀ ଆଞ୍ଚଳିକ କେନ୍ଦ୍ରରେ ଏବେ ଜଣେ କର୍ମଚାରୀ ଭାବେ କାର୍ଯ୍ୟ କରୁଛି। ସବୁ ମାଟିରେ ଟେରାକୋଟା କାମ ହୁଏ ନାହିଁ । ଏଥିପାଇଁ କେବଳ ଚିକିଟା ମାଟିର ଆବଶ୍ୟକତା ରହିଥାଏ। ନିର୍ଦ୍ଦିଷ୍ଟ ଅନୁପାତରେ ଏଥିରେ କିଛି ପଟୁମାଟି ଆଉ କିଛି ବାଲିମାଟି ମିଶାଇବାକୁ ପଡ଼ିଥାଏ। ତା'ପରେ ଏହା ଟେରାକୋଟା ସାମଗ୍ରୀ ବା କଣ୍ଢେଇ ତିଆରି ପାଇଁ ପ୍ରସ୍ତୁତ ହୋଇଥାଏ। ଆଉ ତାକୁ ବିଭିନ୍ନ କଳାକୃତିର ଛାଞ୍ଚରେ ପୂରାଯାଏ। ଛାଞ୍ଚରୁ କଳାକୃତିକୁ ବାହାର କରି ପ୍ରଥମେ ଛାଇରେ ଶୁଖାଯାଇଥାଏ। ତା'ପରେ କାଠଭାଟିରେ ସେହି କଣ୍ଢେଇ କିମ୍ବା ଟେରାକୋଟା ମାଟିର ଉପକରଣକୁ ପୋଡ଼ାଯାଇଥାଏ। କଳାକୃତିଗୁଡ଼ିକ ପୋଡ଼ିବାକୁ ପ୍ରାୟ ୧୨ଘଣ୍ଟା ସମୟ ଲାଗେ। ତା'ପରେ ଟେରାକୋଟା ସାମଗ୍ରୀ ଲାଲ୍‌ରଙ୍ଗର ହୋଇଯାଇଥାଏ। ଟେରାକୋଟା ହସ୍ତଶିଳ୍ପର କଳାକୃତି ପାଇଁ କେନ୍ଦୁଝର ଜିଲା ଘଟଗାଁ ବ୍ଲକର ବାଟହରିଚନ୍ଦନପୁର କୁମ୍ଭାରସାହି ଏବଂ ହଳଧରପୁର ପରିଚୟ ରହିଛି।

ବିଭିନ୍ନ କଳା କାରିଗରି ପାଇଁ ଓଡ଼ିଶାର ଏକ ସ୍ୱତନ୍ତ୍ର ସ୍ଥାନ ରହିଥିବାବେଳେ ମାଟିର ତିଆରି କଳାକୃତିର ମଧ୍ୟ ରହିଛି ଏକ ନିଜସ୍ୱ ପରିଚୟ। ଯାହା ଅନେକ କଳାକାରଙ୍କୁ ରୋଜଗାରକ୍ଷମ କରିବା ସହ ତାଙ୍କ ପରିଚୟ ପାଲଟିଛି।

-ବନବିହାରୀ ବେହେରା







# ଡୋରି ଡିଜାଇନ୍ ବ୍ଲାଉଜ୍



**ଯେକୌଣସି ଶାଢ଼ି ହେଉନା କାହିଁକି ଯଦି ତା'ସାଙ୍ଗରେ ଡିଜାଇନ୍‌ର ବ୍ଲାଉଜ୍ ପିନ୍ଧାଯାଏ ତା'ହେଲେ ଲୁକ୍ ବେଶ୍ ଆକର୍ଷକ ଲାଗେ। ଏବେ ତ ଡୋରିବାଲା ବ୍ଲାଉଜ୍‌ର ଖୁବ୍ ଟ୍ରେଣ୍ଡ ଚାଲିଛି। ତା'ହେଲେ ଜାଣନ୍ତୁ ଏହି ଡୋରିବାଲା ବ୍ଲାଉଜ୍‌ର କିଛି ଲାଟେଷ୍ଟ ଡିଜାଇନ୍ ଆଉ ସେ ନେଇ କିଛି ଜରୁରୀ ଟିପ୍ସ ସମ୍ପର୍କରେ...**

✲ **ସାଇଡ୍ ଡୋରି ବ୍ଲାଉଜ୍:** ନର୍ମାଲ୍ ଡୋରି ଡିଜାଇନ୍‌ବାଲା ବ୍ଲାଉଜ୍ ପିନ୍ଧି ପିନ୍ଧି ଯଦି ବୋରିଂ ଫିଲ୍ କରୁଥାନ୍ତି, ତା'ହେଲେ ସେ କ୍ଷେତ୍ରରେ ବ୍ଲାଉଜ୍‌ର ଗୋଟେ ସାଇଡ୍‌ରେ କଟ୍ ଆଉଟ୍ ଡୋରି ଡିଜାଇନ୍ କରି ବ୍ଲାଉଜ୍‌କୁ ଭିନ୍ନ ଲୁକ୍ ଦେଇପାରିବେ। ଆବଶ୍ୟକ ହେଲେ ଡବଲ୍ ଡୋରି ଡିଜାଇନ୍ ବି କରି ୟୁନିକ୍ ଲୁକ୍ ପାଇପାରିବେ।

✲ **ଜିଗ୍‌ଜାଗ୍ ଡୋରି ବ୍ଲାଉଜ୍:** ଏହି ଡିଜାଇନ୍‌ର ବ୍ଲାଉଜ୍ ଟିକେ ଷ୍ଟାଇଲିଶ୍ ଲୁକ୍ ଦେଇଥାଏ। ଆପଣ ଚାହିଁଲେ ବ୍ଲାଉଜ୍‌ରେ ଜିଗ୍‌ଜାଗ୍ ଡୋରି ଡିଜାଇନ୍ କରି ସେଥିରେ ବ୍ଲାଉଜ୍ କପଡ଼ାରେ ତିଆରି ଲଟକନ୍ ମଧ୍ୟ ଲଗାଇପାରିବେ, ଯଦ୍ୱାରା ଆପଣଙ୍କ ଶାଢ଼ି ଲୁକ୍ ଅଧିକ ଆକର୍ଷଣୀୟ ଲାଗିବା ସହିତ ବୋଲ୍ଡ ଆଉ ଷ୍ଟାଇଲିଶ୍ ବି ଦେଖାଯିବେ।





✲ **ସ୍ଲିଭ୍ସ ଡୋରି ଡିଜାଇନ୍:** କେବଳ ବ୍ଲାଉଜ୍‌ର ପଛପଟେ ନୁହେଁ, ଆପଣ ଚାହିଁଲେ ବ୍ଲାଉଜ୍‌ର ସ୍ଲିଭ୍ସରେ ବି କଟ୍ ଆଉଟ୍ ଡୋରି ଡିଜାଇନ୍ କରି ଭିନ୍ନ ଲୁକ୍ ପାଇପାରିବେ। କଟ୍ ଆଉଟ୍ ଡୋରି ଡିଜାଇନ୍ କରିବା ଦ୍ୱାରା ବ୍ଲାଉଜ୍ ପିନ୍ଧିବାକୁ ଭଲ ଫିଟିଙ୍ଗ୍ ବି ହୋଇଥାଏ। ଏହାକୁ ଆଉ ଟିକେ ଆକର୍ଷଣୀୟ ଲୁକ୍ ଦେବା ପାଇଁ ଆପଣ ଚାହିଁଲେ ବ୍ଲାଉଜ୍‌ର ସ୍ଲିଭ୍ସରେ କଟ୍ ଆଉଟ୍ ଡୋରି ଡିଜାଇନ୍ କରି ସେଥିରେ କିଛି ଛୋଟ ଛୋଟ ଘୁଙ୍ଗୁର ବି ଲଗାଇ ପାରିବେ।

✲ **ଡବଲ୍ ଡୋରି ଡିଜାଇନ୍:** ଷ୍ଟେଟ୍‌ମେଣ୍ଟ ଲୁକ୍ ପାଇଁ ଆପଣ ଚାହିଁଲେ ବ୍ଲାଉଜ୍‌ରେ ଡବଲ୍ ଡୋରି ଡିଜାଇନ୍ ବି କରିପାରିବେ। ଏଥିପାଇଁ ଗୋଟେ ଡୋରି ବ୍ଲାଉଜ୍‌ର କାନ୍ଧ ପାଖରେ ରହିବ ଏବଂ ଅନ୍ୟ ଡୋରିଟି ବ୍ଲାଉଜ୍‌ର ଅଣ୍ଟା ପାଖରେ ରହିବ, ଯଦ୍ୱାରା ବ୍ଲାଉଜ୍ ଡିପ୍ ନେକ୍‌ର ହୋଇଥିଲେ ଏହାର ଗୋଟେ ଡୋରି କାନ୍ଧ ପାଖରେ ଥିବାରୁ ଏହା ବ୍ଲାଉଜ୍‌କୁ ସହଜରେ ଖସିବାକୁ ଦେବନାହିଁ। ସେହିପରି ଅନ୍ୟ ଡୋରିଟି ବ୍ଲାଉଜ୍‌ର ଅଣ୍ଟା ପାଖରେ ଥିବାରୁ ଏହା ଭଲ ଫିଟିଙ୍ଗ୍ ହୋଇ ରହିବ।








✲ **ମଲ୍ଟି ଡୋରି ଷ୍ଟାଇଲ୍:** ଏହି ଟାଇପ୍‌ର ବ୍ଲାଉଜ୍ ଡିଜାଇନ୍ ଦେଖିବାକୁ ବେଶ୍ ଟ୍ରେଣ୍ଡି ଲାଗିଥାଏ। କଟନ୍ ଶାଢ଼ି ହେଉ କି ନେଟ୍ ଶାଢ଼ି ସବୁଥିରେ ଏହି ମଲ୍ଟି ଡୋରି କାମବାଲା ବ୍ଲାଉଜ୍ ବେଶ୍ ଭଲ ମାନିଥାଏ।

✲ **ବ୍ୟାକ୍‌ଲେସ୍ ଡୋରି ବ୍ଲାଉଜ୍:** ଏହି ଟାଇପ୍‌ର ବ୍ଲାଉଜ୍ ଟିକେ ବୋଲ୍ଡ ଲୁକ୍ ଦେଇଥାଏ। ତେବେ ଧ୍ୟାନଦେବେ ଯଦି ଆପଣ ବ୍ଲାଉଜ୍‌ରେ ବ୍ୟାକ୍‌ଲେସ୍ ଡୋରି ଡିଜାଇନ୍ କରୁଥା'ନ୍ତି, ତା'ହେଲେ ତା'ସାଙ୍ଗକୁ ହେଭି ଲଟକନ୍ ଲଗାଇବେ ନାହିଁ। ଆବଶ୍ୟକ ହେଲେ ହାଲ୍‌କା ଡିଜାଇନ୍‌ର କିମ୍ୱା ବ୍ଲାଉଜ୍ କପଡ଼ାରେ ତିଆରି ଛୋଟ ଛୋଟ ଲଟକନ୍ ଲଗାଇ ଭିନ୍ନ ଲୁକ୍ ପାଇପାରିବେ।

✲ **ବୋ ଷ୍ଟାଇଲ୍ ଡୋରି ବ୍ଲାଉଜ୍:** ବ୍ଲାଉଜ୍‌ରେ ବୋ ଷ୍ଟାଇଲ୍ ଡୋରି ଡିଜାଇନ୍ କରିବାର ଟ୍ରେଣ୍ଡ ଏବେ ଖୁବ୍ ଚାଲିଛି। ବିଶେଷକରି ସାଟିନ୍ ଶାଢ଼ିରେ ଏହି ଷ୍ଟାଇଲ୍‌ର ବ୍ଲାଉଜ୍ ଡିଜାଇନ୍ ବେଶ୍ ଆକର୍ଷଣୀୟ ଲାଗିଥାଏ।

✲ **ଫ୍ରଣ୍ଟ ଡୋରି ଡିଜାଇନ୍:** ଏବେ ବ୍ଲାଉଜ୍‌ର ସାମ୍ନା ପଟେ ବି ଡୋରି ଡିଜାଇନ୍ କରାଯାଉଛି ; ଯାହା ଖୁବ୍ ଟ୍ରେଣ୍ଡି ଲାଗୁଛି।



**କିଛି ଟିପ୍ସ**

- ଯଦି ଆପଣଙ୍କ ପାଖରେ କୌଣସି ଗୋଲ୍ଡେନ କଲର୍‌ର ଶାଢ଼ି ଥାଏ, ତା'ହେଲେ ତା'ସହିତ କ୍ରସ୍ କ୍ରସ୍ ଡୋରି ଡିଜାଇନ୍ ହୋଇଥିବା ନାଲିରଙ୍ଗର ବ୍ଲାଉଜ୍ ବେଶ୍ ସୁନ୍ଦର ମାନିଥାଏ।
- ବର୍ଡର କାମବାଲା ବ୍ଲାଉଜ୍‌ରେ ବି କ୍ରିସ୍ କ୍ରସ୍ ଡିଜାଇନ୍‌ର ଡୋରି କାମ ଖୁବ୍ ଆକର୍ଷଣୀୟ ଲାଗିଥାଏ।
- ପିଙ୍କ୍ କଲର୍‌ର ଶାଢ଼ି ସାଙ୍ଗକୁ କ୍ରିସ୍ କ୍ରସ୍ ଡିଜାଇନ୍‌ର ଡୋରି କାମ ହୋଇଥିବା ବ୍ଲୁ କଲର୍‌ର ବ୍ଲାଉଜ୍ ଖୁବ୍ ମାନିଥାଏ।
- ସ୍ଲିଭ୍‌ଲେସ୍ ବ୍ଲାଉଜ୍‌ରେ ବି ଡୋରି ଡିଜାଇନ୍ ବେଶ୍ ଆକର୍ଷକ ଲାଗିଥାଏ।









# ଘଣ୍ଟା

**-ମାନମୟୀ ରଥ**

ମୋବାଇଲ ଥାଉ ଥାଉ ହାତ ଘଣ୍ଟା ପ୍ରତି ଏତେ ଆଗ୍ରହ କାହିଁକି? ଅଳ୍ପ ଟିକେ ରୋମାଞ୍ଚ ଥିଲା ସୀତାଂଶୁଙ୍କ ଗଳାରେ। -''କହିଲି ପରା ମୋର ବଡ଼ ମୁହଁ ବାଲା ହାତ ଘଣ୍ଟା ହିଁ ଦରକାର। ହାତରେ ଥିବ। ସମୟ ସହ ସଜାଗ ବି କରେଇ ଦେଉଥିବ। ଏପରି କି ଶୋଇଲାବେଳେ ସେ ଘଣ୍ଟା ହିଁ ଥିବ ଯେମିତି ପାଖରେ। ତା'ର ଟିକ୍ ଟିକ୍ ଶବ୍ଦ ଜୀବନର ମନ୍ତ୍ର ପଢୁଥିବ।'' ଡିନା ତଳକୁ ମୁହଁ ପୋତି କହିଲା। ଜନ୍ମଦିନର ଉପହାରରେ କ'ଣ ଆବଶ୍ୟକ ବୋଲି ପାଖରେ ଠିଆ ହୋଇଥିବା ଝିଅ ଭୂଲତା ନଚେଇ ଜଣେଇ ଦେଲା ଯେ ସେ ତା' ମାଆର ଏହି ନାଟକୀୟ ସଂଳାପରେ ଚମତ୍କୃତ ଅନୁଭବ କରୁଛି। ଘଣ୍ଟା କଣ୍ଟାରେ ମାପି ହୋଇ କେବେ ହେଁ କଟେନି ଡିନାର ଜୀବନ । ପ୍ରତି ଦିନ କାମ ତ କରେ କିନ୍ତୁ ନିଜ ହିସାବରେ କରେ । କୁହେ ଘଣ୍ଟା ଅନୁଯାୟୀ ଚାଲିଲେ ମୋତେ ବାନ୍ଧି ଛନ୍ଦି ହୋଇଗଲା ଭଳି ଲାଗେ। ଅଥଚ ପ୍ରତିଟି ଜନ୍ମଦିନରେ ସେ ଘଣ୍ଟା ହିଁ ମାଗେ ଉପହାର ସୂତ୍ରରେ ତ ତାକୁ ମିଳିଯାଏ ନୂଆ ନୂଆ କମ୍ପାନୀର ସୁଦୃଶ୍ୟ ହାତ ଘଣ୍ଟାମାନ ସୀତାଂଶୁଙ୍କ ମାର୍ଫତରେ ଚକଚକିଆ ଜରି ପ୍ୟାକେଟରେ । ଆରମ୍ଭ ଦିନମାନଙ୍କରେ ଏଚ୍ଏମ୍ଟି। ପରେ ପରେ ସୋନାଟା, ଟାଇମେକ୍ସ, ଟାଇଟାନ ଆଉ ଫାଷ୍ଟ ଟ୍ରାକ୍ । ଡିନା ଘଣ୍ଟା ହିଁ କାହିଁକି ମାଗେ ଭାବି କୌତୁହଳୀ ହୁଏ ତ ସୀତାଂଶୁ ଆହୁରି ବିସ୍ମିତ ହୁଏ ଯେତେବେଳେ ସେ ଦେଖେ ବହି ଥାକରେ, ଡ୍ରେସିଂ ଟେବୁଲ ଉପରେ, ପଢ଼ା ଟେବୁଲ ଉପରେ, ଆଲମୀରାରେ ଉଦ୍ଦିଷ୍ଟ ଘଡ଼ିବାକ୍ସ ଭିତରେ ଘଣ୍ଟାଗୁଡ଼ିକୁ ଅଚଳ ହୋଇ ଶୋଇ ରହିଥିବାର ଦେଖିଲେ । ବନ୍ଦ ହୋଇଯାଇଥିବା ଘଣ୍ଟା ମରାମତି ପାଇଁ ଯାଏନି କି ଆଉ କାହାକୁ ଦେଇ ଦିଆ ହୁଏନି ଯାହା ସାଧାରଣତଃ ଡିନା କରେ ମିଳିଥିବା ଦାମିକା ଉପହାରକୁ ଆଉ କାହାକୁ ଦେଇ ଦେଇଥାଏ ଉପହାରରେ । ଆଦ୍ୟ କୈଶୋରରେ ଥିବା ଝିଅ, ଘରେ ଟଙ୍ଗା ହୋଇଥିବା କାନ୍ଥ ଘଣ୍ଟା ନ ଦେଖି ମୋବାଇଲରେ ସମୟ ଦେଖେ ଏବଂ ମୋବାଇଲରେ ଆଲାର୍ମ ଦେଇ ସ୍କୁଲ ପାଇଁ ନିଜକୁ ପ୍ରସ୍ତୁତ କରେ। ସୀତାଂଶୁର ଦେହ ଓ ମନ ପ୍ରକୃତିର ଶୃଙ୍ଖଳରେ ବନ୍ଧା ଯେହେତୁ ତା'ର ଘଣ୍ଟାର ମେଶିନ ଲୋଡ଼ା ପଡେନି ନିୟମିତ ଜୀବନ ଚର୍ଯ୍ୟାରେ । ମିଟିଂ କି ବସ୍ ଟ୍ରେନ ବା ପ୍ଲେନ୍ ଆଦିରେ ଯିବା ଆସିବା ପାଇଁ ମୋବାଇଲରେ ଚଳେଇ ନିଏ। ବଡ଼ ଆଶ୍ଚର୍ଯ୍ୟ ଏଇ ଡିନା । କେତେବେଳେ ଶୁଏ, କେତେବେଳେ ଉଠେ ଠିକଣା ନ ଥାଏ। ଦିନେ ଘରଟା ଯାକର ଅଳିଆ ସକାଳ ପହରୁ ଲାଗି ରାତିକୁ ସଫା କଲାଣି ତ କେବେ କୁଣ୍ଡରେ ଲାଗିଥିବା ଗଛକୁ ଧୁଆଧୋଇ କରି ତାକୁ ସଜେଇ ଥୋଇବାରେ ସମୟ ନେଲାଣି । କେବେ ପାହାଡ଼ ପ୍ରମାଣ ଲୁଗା ପଟା ବସି ଆଇରନ୍ କଲାଣି ତ ଆଉ କେବେ ସୀତାଂଶୁଙ୍କ ପ୍ରକାଶିତ କବିତାମାନଙ୍କ କଟ୍ ପିସ୍ ପ୍ରସ୍ତୁତ କରି ଫାଇଲରେ ସଜାଡ଼ିଲାଣି । ହାତଘଣ୍ଟା ପ୍ରତି ତା'ର ଏହି ଅସମ୍ଭବ ଆକର୍ଷଣ ପାଗଳାମୀ ନୁହେଁ ତ ଆଉ କ'ଣ !!

ଝିଅ ଖୁବ୍ ସୁନ୍ଦର ଚିତ୍ର ଆଙ୍କୁଥିଲା । ମାମାର ଜନ୍ମଦିନ ପାଇଁ ନୂଆ କିଛି ଉପହାର ଦେବ ବୋଲି ଏ-ଥ୍ରୀ ସାଇଜର କାନ୍ଭାସ ଉପରେ ଆର୍କିଲିକ ରଙ୍ଗରେ ଆଙ୍କିଥିଲା ଗାନ୍ଧିଜୀଙ୍କ ରହସ୍ୟର ଅନ୍ଧାର ଆଡ଼କୁ ଫେରିଯାଉଥିବାର ଦୃଶ୍ୟ। ମାଟିରେ ପଡ଼ିଥିଲା ତାଙ୍କ ପ୍ରଚକ୍ଷୁ ଆଉ ହାତ ବାଡ଼ି ବଡ଼ ହତାଦର ଢଙ୍ଗରେ। ହେଲେ ତାଙ୍କ ଅଣ୍ଟା ଖୋସଣିରେ ରେଡିୟମ ରଙ୍ଗରେ ଟିକ୍ ଟିକ୍ କରୁଥିଲା ଗୋଟାଏ ଝୁଲନ୍ତା ଘଡ଼ି। ସମୁଦାୟ ଚିତ୍ରରେ ଘଣ୍ଟାଟି ହିଁ ଥିଲା ଆକର୍ଷଣର କେନ୍ଦ୍ର। ଝିଅ ଦେଲା ଆଉ କହିଲା, ''ଦେଖ। ଚିତ୍ରରେ ଗାନ୍ଧିଜୀ କେମିତି ଅଜାଙ୍କ ଭଳି ଦିଶୁଛନ୍ତି ପଛ ଆଡୁ। ଲାଗୁଚି କି ନାଁ ଆମ ସମସ୍ତଙ୍କ ଉପରେ ଅଭିମାନ କରି ସେ ଧାଇଁ ପଳେଇ ଯାଉଛନ୍ତି !!'' 'ଚମତ୍କାର!' ଚିତ୍ରଟିକୁ ହାତରେ ଧରି ଖୁସିରେ କହିଲା ସୀତାଂଶୁ। ଡିନା ଆଖିରେ କିନ୍ତୁ ତୁରନ୍ତ ଭରିଗଲା ଲୁହ । ଏଣେ ଆହୁରି ଆଶ୍ଚର୍ଯ୍ୟ ବାପା ଓ ଝିଅ । କେବେ ହେଁ ଡିନାର ଡାଏରୀ ପଢୁ ନ ଥିବା ସୀତାଂଶୁ ପରଦିନ ସକାଳେ ଜନ୍ମଦିନର ତାରିଖ ପଡି ଲେଖା ହୋଇଥିବାର ଦେଖିଲେ, ''ଭାଇକୁ ତା' ପରୀକ୍ଷା ପାଇଁ ତୁମ ହାତଘଣ୍ଟା ସବୁବେଳେ ଦେଉଥିଲ। ମୁଁ ଥରେ ପରୀକ୍ଷା ପାଇଁ ପିନ୍ଧିବାକୁ ମାଗିଲି ଯେ ଦେଲନି। ସେହି ରାଗରେ ଲୁଚେଇ ଘଣ୍ଟାକୁ କୂଅକୁ ଫିଙ୍ଗିଦେଲି ଯେ ତୁମେ ଘଣ୍ଟାକୁ ଖୋଜି ଖୋଜି ଦୁଇଦିନ ଭଲରେ ଖାଇଲନି କି ଆଉ କେବେ ଘଣ୍ଟା କିଣି ପିନ୍ଧିଲନି। ସବୁ ଘଣ୍ଟାରେ ତୁମ ହାତଘଣ୍ଟାକୁ ଖୋଜି ହେଇଛି ବାପା, ଗ୍ଲାନିରେ ଝୁରି ହୋଇଛି । ତୁମ ହାତ ଘଣ୍ଟାରେ ଥିବା ମୋ ସରାଗକୁ କେଉଁ ଘଣ୍ଟାରେ ପାଇଲିନି ବାପା । ଆଜି ପାଇଲି ଝିଅର ଚିତ୍ରରେ ...। ମୋତେ କ୍ଷମା କରିଦେବ .... ??



*-ସେଣ୍ଟ ଜାଭିୟର୍ସ କିତ୍ସ, ବାଲିପୁଟ, ପୁରୀ*
*ମୋ:୭୯୭୮୫୭୯୩୯୯*

# ମନେପଡୁଥା

**-ଲିଜାଲିନ୍ ବିଶ୍ୱାଳ**

ମନ ଥକେନି
ଉଂଛି ହୋଇଯାଏ

ଡେଣାରେ ସବୁତକ ରଙ୍ଗ ନେଇ
ସଞ୍ଜକୁ ନୁଖୁରା କରି
ଅସ୍ତ ହେଇଯାଏ ଗୋଟେ ଠିକଣା।

ଖୁଞ୍ଚା ଦେଲେ ବି
ଫୁଙ୍ଗା ଫୁଙ୍ଗା ଲାଗେ ଚାରିଆଡ଼।

ଆଖିର ଧାର ବହଳ ହୁଏ
ଆଉଣ୍ଡି ହୁଏ କେତେ କେତେ କଥା
କାନମୂଳେ ଗଦାଏ ନିଆଁ ଅଜାଡ଼ି କିଏ ଚାଲିଗଲା।

ଅବଶିଷ୍ଟ କେତେଭାଗ ଥାଏ କି ମୁଁ
ସେତକ ବି ହଜିଯାଏ ଗୋଟେ ଅଚିହ୍ନା ମେଳାରେ।

ଶୁଖିଲା ଜିଭ, ଦେହରେ ଅବିରାମ ଝାଳ
ଭିତରଟା ଆଞ୍ଜୁଡା ଆଞ୍ଜୁଡି
କେତେ ବାଧାର ପହଣ୍ଡି, ଆହାଃ।

ଏସବୁ ଘଟେ କାହିଁ
ଜଣେ ପାସୋରି ନ ହେଲେ।

*– ଭିରଙ୍ଗ, ତିରଣ, ଜଗତସିଂହପୁର*
*ମୋ:୯୦୭୮୨୬୬୫୬୧*




# ରହିଗଲା ଅବସୋସ

ଐଶ୍ୱର୍ଯ୍ୟା ରାୟବଚ୍ଚନ ବଲିଉଡ୍‌ରେ ବେଶ୍ କେତୋଟି ସିନେମାରେ ଅଭିନୟ କରିସାରିଛନ୍ତି। କେବଳ ସେତିକି ନୁହେଁ, ଅନେକ ଫିଲ୍ମରେ ନିଜ ଅଭିନୟ ଦକ୍ଷତା ଦେଖାଇବାରେ ମଧ୍ୟ ସମର୍ଥ ହୋଇଛନ୍ତି। ଆଉ ବଚ୍ଚନ ପରିବାରର ବୋହୂ ସାଜିବା ପରେ ବି ସେ ଅଭିନୟ କରୁଛନ୍ତି। ନିକଟରେ ଗଦ୍ଦର-୨' ହିଟ୍ ସାବ୍ୟସ୍ତ ହେବା ପରେ ସେ ଏ ନେଇ ଏକ ରୋଚକ ତଥ୍ୟ ରଖିଛନ୍ତି। ସେ କହନ୍ତି, 'ଯେତେବେଳେ 'ଗଦ୍ଦର'ର ପ୍ରାରମ୍ଭିକ କାମ ଚାଲିଥିଲା ଏବଂ କାଷ୍ଟିଂ ବିଷୟରେ ବିଚାର ବିମର୍ଷ ହୋଇଥିଲା ସେତେବେଳେ ଏହାର ନିର୍ଦ୍ଦେଶକ ଅନୀଲ ଶର୍ମା 'ସକିନା' ଚରିତ୍ର ପାଇଁ ପ୍ରଥମେ କାଜୋଲ ଏବଂ ପରେ ମୋତେ ଯୋଗାଯୋଗ କରିଥିଲେ। କାହାଣୀ ଶୁଣିବା ପରେ ମୁଁ ବେଶ୍ ପ୍ରଭାବିତ ହୋଇଥିଲି। କିନ୍ତୁ କେତେକ କାରଣରୁ ମୁଁ ଏହି ଅଫରଟିକୁ ଗ୍ରହଣ କରିପାରି ନ ଥିଲି। ଯଦି ସେତେବେଳେ ମୁଁ ରାଜି ହୋଇଥାଆନ୍ତି ତେବେ ହୁଏତ ଏହା ମୋ କ୍ୟାରିୟରର ଅନ୍ୟତମ ହିଟ୍ ଫିଲ୍ମ ସାବ୍ୟସ୍ତ ହୋଇଥାଆନ୍ତା। ତେବେ ଏ ନେଇ ମୁଁ ଆଦୌ ଅନୁଶୋଚନା କରୁନି। କାରଣ ଆକ୍ଟିଂ ଲାଇନ୍‌ରେ ଏମିତି ଭଲ ଅଫର ହାତରୁ ଖସିଯାଇଥାଏ।' ପରବର୍ତ୍ତୀ ସମୟରେ ଏହି ଭୂମିକା ପାଇଁ ଅମୀଷା ପଟେଲଙ୍କୁ ସାଇନ୍ କରାଯାଇଥିଲା।


ଐଶ୍ୱର୍ଯ୍ୟା

# ବାପା ହେବ ଏମିତି

ଅନୀଲ କପୁରଙ୍କ ଝିଅ ରେହା ପ୍ରଯୋଜନା ଲାଇନରେ ବ୍ୟସ୍ତ ଅଛନ୍ତି। ଏବେ ତାଙ୍କ ପ୍ରଯୋଜିତ 'ଥ୍ୟାଙ୍କ ୟୁ ଫର୍ କମିଙ୍ଗ'କୁ ନେଇ ଚର୍ଚ୍ଚା। କାରଣ ଏହି ଫିଲ୍ମଟିକୁ ବାଲାଜୀ ମୋଶନ ପିକ୍ଚର୍ସ ଏବଂ ଅନୀଲ କପୁର ଫିଲ୍ମସ ଆଣ୍ଡ କମ୍ୟୁନିକେଶନ ନେଟଓ୍ୱର୍କ ବ୍ୟାନରରେ ନିର୍ମାଣ କରାଯାଇଛି। ଏହାର ଶୁଟିଂ ସମୟରେ ରେହାଙ୍କ ନିକଟରେ ଛାଇ ପରି ରହିଥିଲେ ଅନୀଲ। ଏ ନେଇ ସେ କହନ୍ତି, 'ଏହି ସିନେମାଟିକୁ ମୁଁ, ରେହା, ଏକତା କପୁର ଏବଂ ଶୋଭା କପୁର ପ୍ରଡ୍ୟୁସ କରିଛୁ। ଏକ ଭିନ୍ନ ଧରଣର କାହାଣୀକୁ ନେଇ ଏହାକୁ ପ୍ରସ୍ତୁତ କରାଯାଇଛି। ତେଣୁ ଶୁଟିଂ ସମୟରେ ଯେପରି ସବୁ କଥାକୁ ଗୁରୁତ୍ୱ ଦିଆଯିବ ସେଥିଲାଗି ମୁଁ ରେହା ପାଖେପାଖେ ରହିଥିଲି। ଏକ ଭିନ୍ନ ଧରଣର କାହାଣୀକୁ ଆଧାର କରି ଏହି ଫିଲ୍ମଟିକୁ ପ୍ରସ୍ତୁତ କରାଯାଇଛି। ଦର୍ଶକ ଏହାକୁ ଗ୍ରହଣ କରିବେ ବୋଲି ଆଶା ରଖିଛି।' ଏହି ଫିଲ୍ମର କାହାଣୀ ରଚନା କରିଛନ୍ତି ରାଧିକା ଆନନ୍ଦ ଏବଂ ପ୍ରଶାନ୍ତି ସିଂ। ଭୂମି ପେଡନେକର, ଶେହନାଜ ଗିଲ୍, ଡଲି ସିଂ ଏବଂ ଶିବାନୀ ବେଦୀ ପ୍ରମୁଖ କଳାକାର ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି।


ଅନୀଲ

# ରାଜି ହୋଇ ନ ଥିଲେ ଆଲ୍ଲୁ

ଦକ୍ଷିଣ ଭାରତୀୟ ସିନେମାରେ ଆଲ୍ଲୁ ଅର୍ଜୁନ ଜଣେ ବେଶ୍ ପରିଚିତ ଅଭିନେତା। ତେବେ ତାଙ୍କ ଆକ୍ଟିଂ କ୍ୟାରିୟରରେ ଅନେକ ରୋଚକ ଘଟଣା ଘଟିଛି। ସେଥିମଧ୍ୟରୁ ଗୋଟିଏ କଥାକୁ ଭୁଲି ପାରୁନାହାନ୍ତି ସେ। କଥା କ'ଣ କି 'ବଜରଙ୍ଗୀ ଭାଇଜାନ୍' ଫିଲ୍ମର କାଷ୍ଟିଂ ସମୟରେ ଏଭଳି ଘଟଣା ଘଟିଥିଲା। ଏହାର ପ୍ରଯୋଜକ ପ୍ରଥମେ ଏହି ଫିଲ୍ମ ପାଇଁ ଆଲ୍ଲୁଙ୍କୁ ସାଇନ୍ କରାଇବାକୁ ଚାହୁଁଥିଲେ। କିନ୍ତୁ କେତେକ କାରଣ ପାଇଁ ସେ ଏହି ଅଫରକୁ ପ୍ରତ୍ୟାଖାନ କରିଥିଲେ। ପରବର୍ତ୍ତୀ ସମୟରେ ତାଙ୍କ ସ୍ଥାନରେ ସଲମାନ ଖାଁଙ୍କୁ ନିଆଯାଇଥିଲା। କବୀର ଖାଁଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ମଧ୍ୟ ବକ୍ସ ଅଫିସରେ ଭଲ ବିଜନେସ କରିଥିଲା। ତେବେ ଏଥିରେ ଅଭିନୟ କରିବାକୁ ଆଲ୍ଲୁ ମନା କରିଥିଲେ କାହିଁକି ? ଏହାକୁ ନେଇ ଏକ କଥା ଆଲୋଚନା ହୋଇଥାଏ। ସେ କୁଆଡେ କରୀନା କପୁରଙ୍କ ସହ ଅଭିନୟ କରିବାକୁ ଚାହୁଁ ନ ଥିଲେ। ତେଣୁ ଏଭଳି ଚାନ୍ସକୁ ସେ ହାତଛଡା କରିଥିଲେ। ବର୍ତ୍ତମାନ ଆଲ୍ଲୁ ତାମିଲ ସିନେମାର ଅନ୍ୟତମ ବ୍ୟସ୍ତ ଅଭିନେତା। ବ୍ଲକବଷ୍ଟର 'ପୁଷ୍ପା : ଦ ରାଇଜ' ପାଇଁ ତାଙ୍କୁ ଏଥର ଶ୍ରେଷ୍ଠ ଅଭିନେତା ଭାବରେ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ମିଳିଛି। ଅନ୍ୟପକ୍ଷରେ ଏହାର ସିକ୍ୱେଲ 'ପୁଷ୍ପା-୨'ରେ ବି ସେ ଅଭିନୟ କରୁଛନ୍ତି।


ଆଲ୍ଲୁ


ହୁମା

# ଦୃଢ଼ ବିଶ୍ୱାସୀ କ୍ୟାଟ୍ରିନା

କ୍ୟାଟ୍ରିନା କୈଫଙ୍କର ଗୋଟିଏ କଥାରେ ଦୃଢ଼ ବିଶ୍ୱାସ ରହିଛି। ଆଉ ସେ ଯେତେ ବ୍ୟସ୍ତ ରହିଲେ ମଧ୍ୟ ଏକଥାକୁ କଦାପି ଭୁଲନ୍ତି ନାହିଁ। ଏହି ଅଭ୍ୟାସ ତାଙ୍କର ଏବେକାର ନୁହେଁ, ପିଲାଟି ଦିନରୁ ରହିଆସିଛି। ତାହା କ'ଣ ଜାଣନ୍ତି ? କ୍ୟାଟ୍ରିନା ଅଭିନୟ କରିଥିବା ପ୍ରତିଟି ସିନେମା ରିଲିଜ ହେବା ଦିନ ସେ ମନ୍ଦିର ଯାଇଥାଆନ୍ତି। ସେଠାରେ ପୂଜାର୍ଚ୍ଚନା କରିବା ସହ ଫିଲ୍ମଟିର ସଫଳତା ପାଇଁ ପ୍ରାର୍ଥନା କରନ୍ତି। ଏଭଳି ବିଷୟରେ ସେ କହନ୍ତି, 'ପିଲାଦିନେ ମଧ୍ୟ ମୁଁ ପ୍ରାୟ ମାସକୁ ୩-୪ ଥର ମନ୍ଦିର ଯାଏ। ଯେବେଠାରୁ ମୁଁ ବଲିଉଡ୍‌ରେ ଏଣ୍ଟ୍ରି କଲି, ସେବେଠାରୁ ଗୋଟିଏ କଥା ମୋ ମନକୁ ଆସିଲା। ଏଣିକି ମୋ ଫିଲ୍ମର ପ୍ରିମିୟର ଦିନ ମୁଁ ଯେମିତି ହେଲେ ମନ୍ଦିର ଯିବି। ସେଦିନର ସକାଳ ସମୟକୁ ମୁଁ କେବଳ ମନ୍ଦିରରେ ପୂଜାର୍ଚ୍ଚନା ପାଇଁ ରଖିଥାଏ। ମୋ ମତରେ ଠାକୁରଙ୍କ ବିନା ଆମେ ଆଗେଇ ପାରିବା ନାହିଁ। ତେଣୁ ପ୍ରତିଟି କଥାରେ ତାଙ୍କର ଆଶୀର୍ବାଦର ଆବଶ୍ୟକତା ରହିଛି।' ଖାସ୍ କଥା ହେଲା ସଲମାନ-କ୍ୟାଟ୍ରିନା ଅଭିନୀତ 'ଟାଇଗର-୩' ଚଳିତ ବର୍ଷ ନଭେମ୍ବର ୧୦ରେ ରିଲିଜ ହେବାକୁ ଯାଉଛି। ପ୍ରାୟ ୩୦୦ କୋଟି ବଜେଟରେ ନିର୍ମିତ ତଥା ଆଦିତ୍ୟ ଚୋପ୍ରାଙ୍କ ପ୍ରଯୋଜିତ ଏହି ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ମନୀଷ ଶର୍ମା।


କ୍ୟାଟ୍ରିନା

# କଥା ଅଟକିଛି ପାରିଶ୍ରମିକରେ

ହୁମା କୁରେସି ଏବେ ଏକ ନୂଆ ଅଫରକୁ ନେଇ ବେଶ୍ ଟେନସନରେ ଅଛନ୍ତି। ଶୁଣିବାକୁ ମିଳୁଛି ଯେ, ଏହି ଫିଲ୍ମ ପାଇଁ ସେ କୁଆଡେ ଅଧିକ ପାରିଶ୍ରମିକ ଡିମାଣ୍ଡ କରୁଛନ୍ତି। ଏଥିରେ ତାଙ୍କୁ କେତୋଟି ବୋଲ୍ଡ ଶଟ୍ ଦେବାର ଅଛି। ତେଣୁ ସେ ନିଜର ପାରିଶ୍ରମିକ ବଢ଼ାଇ ଦେଇଛନ୍ତି ବୋଲି ଆଲୋଚନା ହେଉଛି। ବେଶ୍ କିଛିଦିନ ନୀରବତା ଅବଲମ୍ବନ କରିବା ପରେ ଶେଷରେ ବାଧ୍ୟ ହୋଇ ସେ ମୁହଁ ଖୋଲିଛନ୍ତି। ଏ ନେଇ ହୁମା କହନ୍ତି, 'ନୂଆ ସିନେମାର କାହାଣୀ ମୋ ମନକୁ ଛୁଇଁଛି। ଏଥିରେ ମୋତେ କେତୋଟି ବୋଲ୍ଡ ଶଟ୍ ଦେବାକୁ ପଡିବ। ସେଥିପାଇଁ ମୋତେ ଅଧିକ ପାରିଶ୍ରମିକ ଦେବାକୁ ପ୍ରଯୋଜକ ନିଜ ପଟରୁ ସୂଚନା ଦେଇଛନ୍ତି। ହେଲେ ଯେଉଁ ଆଲୋଚନା ହେଉଛି ଯେ, ଏହି ଫିଲ୍ମ ପାଇଁ ମୁଁ ମୋ ପାରିଶ୍ରମିକ ବଢ଼ାଇ ଦେଇଛି ତାହା ଆଦୌ ସତ ନୁହେଁ। କେହି ମୋତେ ବଦନାମ କରିବାକୁ ଏଭଳି ଅପପ୍ରଚାର ଚଳାଇଛି। ମୁଁ ଯେ ମୋର ରେମ୍ୟୁନେରେଶନକୁ ଏକାଥରେ ଡବଲ କରିଦେବି-ଏକଥା କଦାପି ସମ୍ଭବ ନୁହେଁ।'' ତେବେ ଏହି କଥା ପଛରେ କେତେ ସତ୍ୟତା ରହିଛି ତାହା କେବଳ ହୁମାଙ୍କୁ ହିଁ ଜଣା।

# କଥା ପରମ୍ପରାର

କେବଳ ଏବେ ନୁହେଁ, କାହିଁ କେବେଠାରୁ ଆମେ ବିଭିନ୍ନ ପ୍ରଥା, ପରମ୍ପରାକୁ ମାନି ଆସିଛେ। ଏଭଳି ଏକ ଭିନ୍ନଧରଣର କଥାବସ୍ତୁକୁ ଭିତ୍ତିକରି ପ୍ରସ୍ତୁତ ହେଉଛି ନୂଆ ଓଡ଼ିଆ ସିନେମା 'ପ୍ରଥା'। ଉକ୍ତ ଚଳଚ୍ଚିତ୍ରର ମୁଖ୍ୟ ଭୂମିକାରେ ଅଛନ୍ତି ସ୍ୱରାଜ ବାରିକ, ଶୀତଲ ପାତ୍ର ଓ ମୁମ୍ବାଇ ଅଭିନେତ୍ରୀ ତଥା ମଡେଲ ସିମ୍‌ରନ କୌର। ଏମାନଙ୍କ ବ୍ୟତୀତ ଚୌଧୁରୀ ବିକାଶ ଦାସ, ବବି ମିଶ୍ର, ଯଶ ଅହଲାୱତ (ବଲିଉଡ୍ ଅଭିନେତା), ଆଶୁ ବର୍ମା (ପଞ୍ଜାବର ମଡେଲ, ଅଭିନେତା ଏବଂ ନିର୍ଦ୍ଦେଶକ), ରବି ମିଶ୍ର, ସତୀଶ୍ ପଟେଲ ଓ ଇଲ୍ଲୁ ବାନାର୍ଜୀ। ଚୌଧୁରୀ ଜୟପ୍ରକାଶ ଦାସ ଏବଂ ଅସିତା ଶତପଥୀ ମଧ୍ୟ କାଷ୍ଟିଂରେ ଅଛନ୍ତି। ଏହି ଫିଲ୍ମରେ ସ୍ୱରାଜ ଏକ ନୂତନ ଧରଣର ଚରିତ୍ରରେ ଦର୍ଶକଙ୍କ ସାମ୍‌ନାକୁ ଆସିବେ। ପୁଣି ଶୀତଲ ଜଣେ ଗାଁଉଲି ଝିଅ ଭୂମିକାରେ ଦେଖାଦେବେ। ଚଳଚ୍ଚିତ୍ରଟିର ଶୁଟିଂ କୋରାପୁଟ, ଦିଲ୍ଲୀ ଏବଂ ରାଜସ୍ଥାନରେ ହୋଇଛି। ଏହି ଚିତ୍ରଟିର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି କେ. ମୁରଲୀକ୍ରିଷ୍ଣା। ଏଥିରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅସଦ ନିଜାମ। ଚଳଚ୍ଚିତ୍ର 'ପ୍ରଥା'ର ପ୍ରଚାର ପ୍ରସାର ଦାୟିତ୍ୱରେ ଅଛନ୍ତି ମିଡିଆ ପ୍ଲାନର ମୁଖ୍ୟ ପ୍ରଣୟ ଜେଠୀ। ଫିଲ୍ମଟି ଚଳିତ ମାସ ୧୩ରେ ରିଲିଜ ହେଉଛି।


ସ୍ୱରାଜ-ଶୀତଲ

ପ୍ରଥମ ରୋଜଗାର

# ରୋଜଗାର ଟଙ୍କାରେ ଋଣ ପରିଶୋଧ କରିଥିଲି



କବି ତଥା ଶିକ୍ଷାବିତ୍ **ଆଲୋକ କୁମାର ପ୍ରଧାନ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

**ସ**ବୁ ପ୍ରଥମର ପ୍ରାଥମିକତା ଜିଇଥିବା ଯାଏ ନିଜ ବାସ୍ନାରେ ବିଭୋର କରୁଥାଏ ସଭିଙ୍କୁ। ଯେମିତି ଅମରତ୍ୱ ଲଭେ ପ୍ରଥମ ପ୍ରେମ।, ଶିହରଣ ସବୁବେଳେ ବୁଣି ଦେଉଥାଏ ପ୍ରଥମକରି ବାପାଙ୍କ କୋଳରେ ବସି ଖଡ଼ି ଛୁଇଁବା, ଘରୁ ଲୁଚିକରି ସାଙ୍ଗମାନଙ୍କ ସହିତ ପୋଖରୀରେ ବୁଡ଼ି ବୁଡ଼ି ଆଖି ନାଲି ପକେଇ, ବୋଉ ପଛେ ପଛେ ଲୁଚିକରି ବାପାଙ୍କ ମାଡ଼ରୁ ନିସ୍ତାର ପାଇବା, ପିଲାଦିନର ମନେଥିବା ସବୁ ପ୍ରଥମ ମାନଙ୍କର ସ୍ମୃତି। ହୃଦୟର କୋଉଠି ନା କୋଉଠି ପ୍ରାଣପ୍ରିୟା ପ୍ରଣୟିନୀର ପ୍ରଥମ ଛୁଆଁ ପରି ମଜବୁତ୍ ଜାଗାଟିଏ ମାଡି ବସିଥାଏ ଜୀବନରେ ପ୍ରଥମ ରୋଜଗାରର ପ୍ରଥମ ସ୍ମୃତି।

ସବୁ ମା'ବାପାଙ୍କର ସ୍ୱପ୍ନ ଥାଏ ପୁଅଟିଏ ହେଉ ଭଲ ରୋଜଗାର କରୁ, ପାଞ୍ଚଜଣରେ ଜଣେ ହୋଇ ବଂଶ ମର୍ଯ୍ୟାଦା ବଢ଼ାଉ। ତେଣୁ ନିଜେ ନ ଖାଇ ପିଲାମାନଙ୍କୁ ଖୁଆଇ, ନିଜେ ଅନେକ ରାତି ନ ଶୋଇ ପିଲାଙ୍କ ଆବଶ୍ୟକତା ପୂରଣ କରିବାରେ ସ୍ୱପ୍ନ ଦେଖିଚାଲନ୍ତି ମା'ବାପା। ଏସବୁ ମୁଁ ଏବେ ବୁଝୁଛି ବାପା ହେବାପରେ। କିନ୍ତୁ ପ୍ରତ୍ୟେକ ବ୍ୟକ୍ତିର ନିଜର ବି କିଛି ସ୍ୱପ୍ନ ଥାଏ ; ଯାହାର ଆଧାରରେ ସେ ଅହରହ ସଜାଡ଼ି ଚାଲୁଥାଏ ନିଜକୁ। ଗୋଟିଏ ପରିପୂର୍ଣ୍ଣ ଜୀବନ ଜିଇବାର ଲୋଭ କାହାର ବା ନ ଥାଏ ଯେ ମୁଁ ସେଥିରୁ ବାଦ୍ ପଡ଼ିଥାନ୍ତି? ମୁଁ ବି ଦେଖିଥିଲି ସେଇମିତି କିଛି ଯୁବସୁଲଭ ସ୍ୱପ୍ନ। ଅନେକ ଢଙ୍ଗରେ ନିଜକୁ ସଜାଡ଼ିଛି, ଗଢ଼ିବାକୁ ଚେଷ୍ଟା କରିଛି ନିଜକୁ ଆଖିଦେଖା ଆଦର୍ଶମାନଙ୍କ ପରି। ଭିତରୁ ଭିତରୁ ଭାଙ୍ଗିଛି ଯେତିକି ସେତିକି ଅଣ୍ଟା ସଳଖିବାରେ ଚେଷ୍ଟା କରିଛି।

କୁହାଯାଏ, ଯୁବ ଦାରିଦ୍ର୍ୟ ହିଁ ବାଟ ଓଗାଳେ ସବୁ ଯୁବସୁଲଭ ଗୁଣମାନଙ୍କର। ଗୋଟେ ଯୁ ନ ଥିବା ବକ ପରି ଜୀବନ ବିତାନ୍ତି ମୋ ପରି ନିମ୍ନ ମଧ୍ୟବିତ୍ତ ପରିବାରରେ ଜନ୍ମିତ ଯୁବକମାନେ। ଅନେକ ପ୍ରଚେଷ୍ଟାର ଅନ୍ତ ଘଟାଇ ପ୍ରଥମ ରୋଜଗାର... ଓଃ... ଗୋଟେ ସ୍ୱର୍ଗୀୟ ଆନନ୍ଦ ହିଁ ଦେଇଥାଏ। ଯେମିତି ମୁଁ ପଢ଼ାପଢ଼ି କରି ଚାକିରିଟିଏ ଖୋଜୁଥିଲାବେଳେ ୨୦୦୧ ମସିହାରେ ଶିକ୍ଷା ସହାୟକ ଭାବେ ନିଯୁକ୍ତି ପାଇଲି ଘରଠୁ ପ୍ରାୟ ୭୦ କି.ମି ଦୂରରେ ଚାରିପଟେ ଜଳବେଷ୍ଟିତ ଗୋଟେ ନିପଟ ମଫସଲ ଗାଁରେ, ମାତ୍ର ୧୫୦୦ ଟଙ୍କା ପାରିତୋଷିକରେ(ଯାହାକୁ ଦରମା କହିହେବ ନାହିଁ)। ଦୀର୍ଘ ୧୮ ମାସ ବିଦ୍ୟାଳୟରେ ଶିକ୍ଷାଦାନ କଲାପରେ ମୋତେ ବାରମାସର ମୋଟ ୧୮,୦୦୦ ଟଙ୍କା ମିଳିଥିଲା। ଖୁସିର ସୀମା ନ ଥିଲା, ଯେଉଁଦିନ ମୋ ରୋଜଗାରରେ ଘର ପାଇଁ କିଛି କରିବାର ସୁଯୋଗ ମୋତେ ମିଳିଥିଲା। ସତ କହିବାକୁ ଗଲେ ମାସିକ ୧୫୦୦ ଟଙ୍କାର ମୂଲ୍ୟ ବା କେତେ? ମୋତେ କିନ୍ତୁ ସେତିକି ଟଙ୍କା ମୁକ୍ତି ଦେଇଥିଲା ବେରୋଜଗାରି ପଣରୁ। ସେ ଟଙ୍କାରେ ନା ନିଜ ପାଇଁ ଶାର୍ଟ ଖଣ୍ଡେ କିଣିଥିଲି ନା ବାପା ବୋଉଙ୍କ ପାଇଁ କିଛି କିଣିଥିଲି। ବରଂ ସେ ଟଙ୍କାରେ ବେକାର ଥିବା ସମୟରେ ଗାଈ କିଣିବା ପାଇଁ ବ୍ୟାଙ୍କରୁ କରିଥିବା ଋଣକୁ ପରିଶୋଧ କରିଥିଲି।

ତେଣୁ ମୋ ପ୍ରଥମ ରୋଜଗାର ମୋତେ ଋଣମୁକ୍ତ କରିବା ସହିତ ରୋଜଗାରକ୍ଷମ କରିଥିବାରୁ ତାହା ମୋତେ ଯେତିକି ପୁଲକ ଦେଇଛି ତା'ଠୁ ଅଧିକ ସ୍ୱାଭିମାନର ସହ ବଞ୍ଚିବାକୁ ଆତ୍ମମନସ୍କ କରିଛି।

ସାଥୀ

# ମନମୋହିନୀର ରଙ୍ଗିଲା କଥା, ଘଡିକେ ଘୁରାଇ ଦେଉଛି ମଥା



**ପ୍ରଶ୍ନ**–ଜଣେ ସୁନ୍ଦରୀ ମୋ ମନରେ ଘର କରିସାରିଛି। ତା' କଥା ଭାବି ଭାବି ମୋ ଦିନ ବିତି ଯାଉଛି। କ'ଣ କରିବି?

*–ବିପିନ ସାହୁ, କଟକ*

**ଉତ୍ତରଃ** ଯାହାକୁ ଆପଣ ନିଜ ମନ ଭିତରେ ସ୍ଥାନ ଦେଇସାରିଛନ୍ତି ତାହାର ଠିକଣା ବୋଧହୁଏ ଜାଣିନାହାନ୍ତି। ଏପରି ଅନାମିକା ନାୟିକା ପାଇଁ ଆପଣ ପାଗଳ। ଆପଣଙ୍କ ମନ ଭିତରେ ଉଦବେଳିତ ହେଉଥିବା କଥାଗୁଡିକ ସେହି ମନ ଭିତରେ ଚାପି ହୋଇରହିଛି। 'ମନମୋହିନୀର ରଙ୍ଗିଲା କଥା, ଘଡିକେ ଘୁରାଇ ଦେଉଛି ମଥା '। ଯଦି ସମ୍ଭବ ତେବେ ତାହାର ଠିକଣା ପାଇବାକୁ ଚେଷ୍ଟା କରନ୍ତୁ। ଆଉ ଯଦି କେବେ ଭେଟ ହୋଇଗଲା ତେବେ ବେଳକାଳ ଦେଖି ନିଜ ମନ ଭିତରେ ଆନ୍ଦୋଳିତ ହେଉଥିବା ବହୁ ଦିନର କଥା ତା' ସାମନାରେ ଉଗାଳି ପକାନ୍ତୁ। ଯଦି ସେହି କଥା ସୁନ୍ଦରୀ ମନକୁ ଛୁଇଁ ପାରିଲା, ତେବେ ଧରିନିଅନ୍ତୁ, ଯାହାକୁ ନେଇ ଆପଣ ଟେନସନ୍‌ରେ ଅଛନ୍ତି ତାହା ହୁଏତ ଦୂର ହୋଇଯିବ।

**ପ୍ରଶ୍ନ**–ଜଣେ ସୁନ୍ଦରୀ ମୋତେ କଣେଇ କଣେଇ ଚାହୁଁଛି। ହେଲେ ତାକୁ ଯଦି ମୋ ମନର କଥା କୁହେ, ହୁଏତ ସେ ତାକୁ ଗ୍ରହଣ କରିବ କି ?

*–ତୁଷାର ଦାସ, ପୁରୀ*

**ଉତ୍ତରଃ** ସୁନ୍ଦରୀର ସେହି ଚାହାଣୀରେ ହୁଏତ ପ୍ରେମର ପହିଲି ସଙ୍କେତ ଲୁଚି ରହିଛି। ମନକୁ ଥଣ୍ଡା କରି ତାହାକୁ ଭଲ ଭାବରେ ତର୍ଜମା କରନ୍ତୁ। ଯଦି ପ୍ରେମ କରିବାକୁ ଅଣ୍ଟା ଭିଡିଛନ୍ତି ତେବେ ମନରେ କୌଣସି ପ୍ରଶ୍ନବାଚୀ ରଖନ୍ତୁ ନାହିଁ। ଏପରି ବଲ୍ ପକାନ୍ତୁ ଯେମିତି ଆପଣଙ୍କ ପ୍ରେମିକା ଏକାଥରେ କ୍ଲିନ୍ ବୋଲ୍ଡ ହୋଇଯିବ।

**ପ୍ରଶ୍ନ**–ସାଙ୍ଗ କଥାରେ ପଡି ମୁଁ ଜଣେ ଝିଅକୁ ଭଲ ପାଇଲି। ବେଶ୍ କିଛି ମାସ ଆମର ପ୍ରେମ ଆଗକୁ ଆଗେଇଲା। ହେଲେ ଏବେ ମୋ ପ୍ରେମିକା ମୋଠାରୁ ଦୂରେଇ ଯିବାକୁ ଚାହୁଁଛି। ମୁଁ ଏବେ କ'ଣ କରିବି ?

*–ବିକ୍ରାନ୍ତ କୁମାର, ରାଉରକେଲା*

**ଉତ୍ତରଃ** ଯେତେବେଳେ ସାଙ୍ଗ କଥାରେ ପଡି ସେହି ସୁନ୍ଦରୀକୁ ଭଲ ପାଇ ବସିଲେ, ସେତେବେଳେ ସେ ନେଇ ଗଭୀର ଭାବରେ ଚିନ୍ତା କରିବାର ଥିଲା। ପ୍ରେମିକା ଚଏସ୍ କରିବା ସମୟରେ ବୋଧହୁଏ କିଛି ଭୁଲ ଭଟକା ରହିଯାଇଛି। ଆପଣଙ୍କ ପ୍ରେମିକା ଆପଣଙ୍କଠାରୁ ଦୂରେଇ ଯିବାକୁ ଚାହୁଁଛି। ଯଦି ଏକଥା ସତ ହୋଇଥାଏ, ତେବେ ସେଭଳି ପ୍ରେମ ଆଉ ପ୍ରେମିକା ଉପରେ ଭରସା କରିବା ଠିକ୍ ନୁହେଁ। କାରଣ ସେ ହୁଏତ ଅଧା ବାଟରେ ଆପଣଙ୍କ ହାତ ଛାଡି ଦେବାର ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ ପୂର୍ବରୁ ସତର୍କ ରହିବା ନିହାତି ଜରୁରୀ।

**ପ୍ରଶ୍ନ**–ପ୍ରେମର ସ୍ୱାଦ କିପରି କହିବେ କି ସାଥୀ ?


*–ଦିନେଶ ରାଉତ, ଅନୁଗୋଳ*

**ଉତ୍ତରଃ** ଯିଏ ସଚ୍ଚା ଦିଲ୍‌ରେ ପ୍ରେମ କରିଛି ସେ ହିଁ ପ୍ରେମର ଅସଲ ଚାର୍ମ କ'ଣ ତାହା ଜାଣିପାରିଛି। ଯଦି ପ୍ରେମ କେବଳ ନାମକୁ ମାତ୍ର କରୁଥାଆନ୍ତି ତେବେ ତାହା ସବୁବେଳେ ପାଣିଚିଆ ଲାଗିଥାଏ। ତେଣୁ ନିଜ ପ୍ରେମ ଆଉ ପ୍ରେମିକା ଉପରେ ଶତ ପ୍ରତିଶତ ବିଶ୍ୱାସ ରଖନ୍ତୁ। କଥାରେ ଅଛି–ପ୍ୟାର୍ କା ଲଡ୍ଡୁ, ଜୋ ଖାୟା ପସ୍ତାୟା, ଜୋ ନେହିଁ ଖାୟା ୱ ଭି ପସ୍ତାୟା। ପ୍ରେମରେ ଯେମିତି ଅବିଶ୍ୱାସର ଭାଇରସ୍ ଏଣ୍ଟ୍ରି ନ କରେ ସେଥିପ୍ରତି ସତର୍କ ରୁହନ୍ତୁ।

**ପ୍ରଶ୍ନ**–ମୋ ପ୍ରେମିକା ମୋ ସହ ନଖରାମି କରିବାକୁ ଭଲ ପାଏ। ଏହାଦ୍ୱାରା ଆମର ପ୍ରେମ ପ୍ରଭାବିତ ହେବନି ତ ?

*–ପି.କେ. ଜଗତସିଂହପୁର*

**ଉତ୍ତରଃ** ବେଳେବେଳେ ନଖରାମିରେ ପ୍ରେମର ଅସଲ ମଜା ଲୁଚି ରହିଥାଏ। କେତେକ ତାହାକୁ ସିରିୟସଲି ନିଅନ୍ତି ଆଉ ପ୍ରେମ ବିଷୟରେ ଅନେକ ନେଗେଟିଭ କଥା ଭାବନ୍ତି। ପ୍ରେମର ଆରମ୍ଭରେ ପ୍ରେମିକାର ନଖରାମିକୁ ଟିକେ ହାଲକା ଭାବରେ ନିଅନ୍ତୁ। ତାହାର ସେହି ନଖରାମି ପଛରେ ଥିବା କାରଣକୁ ନ ଖୋଜି ସେଇଠୁ ହିଁ ଅସଲ ପ୍ରେମର ମଜା ନେବାକୁ ଚେଷ୍ଟା କରନ୍ତୁ।



# ଇଏ ବି ବସ୍‌ଷ୍ଟପ୍

**ଖରା, ବର୍ଷାରୁ ରକ୍ଷା ପାଇବା ସହ ଆରାମରେ ବସି ବସ୍‌କୁ ଅପେକ୍ଷା କରିବା ଲାଗି ଯାତ୍ରୀଙ୍କ ପାଇଁ ବସ୍‌ଷ୍ଟପ୍ କରାଯାଇଥାଏ। ତେବେ ପୃଥିବୀର ବିଭିନ୍ନ ସ୍ଥାନରେ ଏମିତି ବି କିଛି ବସ୍‌ଷ୍ଟପ୍ ତିଆରି କରାଯାଇଛି, ଯାହା ଏତେ ଅଜବ ଯେ ଏବେ ସେସବୁ ପର୍ଯ୍ୟଟକଙ୍କ ଆକର୍ଷଣ ପାଲଟିଛି।**










**ହ୍ୟାଟ୍ ପରି:** ଏହି ବସ୍‌ଷ୍ଟପ୍ ଦେଖିବାକୁ ଏକ ବଡ଼ ହ୍ୟାଟ୍ ପରି। କିରଗିଜସ୍ତାନର ଲେକ ଇସିକ୍ କୁଲ୍ ରାସ୍ତାରେ ଏହି ବସ୍‌ଷ୍ଟପ୍ ଅଛି। କିରଗିଜସ୍ତାନର ପାରମ୍ପରିକ ଫେଲ୍ଟ ହ୍ୟାଟ୍ ଥିମ୍‌କୁ ନେଇ ଏହାକୁ ତିଆରି କରାଯାଇଛି। ଏଠାରେ ଆହୁରି ବି ଅନେକ ବସ୍‌ଷ୍ଟପ ଅଛି ଯାହାକି କିରଗିଜସ୍ତାନର ପରମ୍ପରା, ସଂସ୍କୃତିକୁ ଦର୍ଶାଇଥାଏ।

**ଫଳାକୃତୀର ବସ୍‌ଷ୍ଟପ୍:** ଜାପାନ, କୋନାଗାଇରେ ୧୬ ପ୍ରକାରର ଅଜବ ବସ୍‌ଷ୍ଟପ ଅଛି। ତେବେ ନାଗାସାକିସ୍ଥ ଇଶାୟା ସିଟିରେ ଦେଖିବାକୁ ମିଳେ ଏମିତି କେତୋଟି ବସ୍‌ଷ୍ଟପ ଯାହାକୁ ଦେଖିଲେ ଭୋକ ଲାଗିବ। କାରଣ ଏସବୁ ଷ୍ଟ୍ରବେରୀ,ତରଭୂଜ ପରି ସୁସ୍ୱାଦୁ ଫଳ ଆକାରର। ତେଣୁ ଏହିସବୁ ବସ୍‌ଷ୍ଟପ୍ ପର୍ଯ୍ୟଟକଙ୍କ ଆକର୍ଷଣ ସାଜିଛି।

**ମ୍ୟୁଜିକାଲ ସ୍ୱିଙ୍ଗର ମଜାନେବେ ଏହି ବସ୍‌ଷ୍ଟପ୍‌ରେ:** କାନାଡା, ମୋଣ୍ଟ୍ରିଲର ଏକ ଡିଜାଇନର୍ ଟିମ୍ ଏଠାକାର ବସ୍‌ଷ୍ଟପ୍‌ରେ କରିଛନ୍ତି ମ୍ୟୁଜିକାଲ ସ୍ୱିଙ୍ଗର ବ୍ୟବସ୍ଥା। ଏଠାରେ ୨୧ଟି ମ୍ୟୁଜିକାଲ ସ୍ୱିଙ୍ଗ ବା ଦୋଳୀ ଲାଗିଛି। ପଥାଚାରୀ ହୁଅନ୍ତୁ ଅବା ବସ୍‌ଷ୍ଟପ୍‌ରେ ବସ୍‌କୁ ଅପେକ୍ଷା କରିଥିବା ଯାତ୍ରୀ ଏଥିରେ ବସି ଦୋଳି ଖେଳିଲେ ସେଥିରୁ ସୁମଧୁର ସଙ୍ଗୀତର ଧୂନ ବାହାରେ। ଆଉ ଯେବେ ଏକାସାଙ୍ଗରେ ୨୧ଟି ଦୋଳିରେ ବସି ଝୁଲାଯାଏ ଚମତ୍କାର ଧୂନ ବାହାରେ।

**ବସ୍ ଟାଇପୋଗ୍ରାଫି:** ଏହି ବସ୍‌ଷ୍ଟପ୍ ଟାଇପୋଗ୍ରାଫୀ ଓ ପବ୍ଲିକ୍ ଆର୍ଟର ଏକ ସୁନ୍ଦର ଏକ୍ସପେରିମେଣ୍ଟ। ବାଲ୍ଟିମୋରଷ୍ଟ୍ରିଟ୍‌ରେ ଥିବା ଏହି ବସ୍‌ଷ୍ଟପ୍ କେବଳ ଇଂରାଜୀ ଲେଟର୍‌ରେ 'ବସ୍' ଲେଖାର ଏକ କଳାକୃତୀ। ଅର୍ଥାତ୍ ଉକ୍ତ ବସ୍‌ଷ୍ଟପ୍‌ରେ କେବଳ ଇଂରାଜୀର 'ବିୟୁଏସ୍' କଳାକୃତୀ ଦେଖିବାକୁ ମିଳେ। ୧୪ ଫୁଟ ଉଚ୍ଚ ଓ ୭ ଫୁଟ ଓସାରର ଏହି କଳାକୃତୀ ଷ୍ଟିଲ ଫ୍ରେମ ଓ କାଠରେ ତିଆରି। ଏହାର ପ୍ରତ୍ୟେକ ଲେଟର୍‌ରେ ଯାତ୍ରୀ ମନ ମୁତାବକ ବସି ପାରିବେ, ଶୋଇପାରିବେ।

**ବଡ଼ ଛତା ଥିବା ବସ୍‌ଷ୍ଟପ୍:** ବସ୍‌କୁ ଅପେକ୍ଷା କରିଥିବା ଯାତ୍ରୀ ଚାହେଁ ଖରା, ବର୍ଷାରୁ ଟିକେ ରକ୍ଷା ପାଇବାକୁ। ତେଣୁ ବସ୍ ଷ୍ଟପ୍ କରାଯାଇଥାଏ। ତେବେ ଆମେରିକାରେ ଥିବା ଏହି ଛତା ଭଳି ବସ୍ ଷ୍ଟପ୍‌ଠୁ ଭଲ ଆଉ କ'ଣ ବା ହୋଇପାରେ।

**ଟନେଲ୍ ପରି ବସ୍‌ଷ୍ଟପ:** ବ୍ରାଜିଲ,କୁରିତିବାରେ ଥିବା ଏହି ବସ୍‌ଷ୍ଟପ୍ ଦେଖିବାକୁ ଏକ ଟନେଲ ପରି । ହେଲେ ଏହା ମଧ୍ୟକୁ ଯିବା ଲାଗି ଯାତ୍ରୀଙ୍କୁ ଟଙ୍କା ଦେବାକୁ ହେବ। ଏହି ବସ୍‌ଷ୍ଟପ୍‌ରେ ଟର୍ନଷ୍ଟାଇଲ୍ ବା ଜଣଜଣ କରି ଭିତରକୁ ଛାଡ଼ିବା ଲାଗି ଲମ୍ବା ବାଡ଼ି ଥିବା ବୁଲନ୍ତା ଫାଟକ ଅଛି। ତା'ସହ ପାହାଚ ଓ ହ୍ୱିଲଚେୟାର ପାଇଁ ଲିଫ୍ଟ ବ୍ୟବସ୍ଥା ଅଛି।






## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

## ହାଃ ହାଃ

### ମନେପଡିଲେ

ଗର୍ଲଫ୍ରେଣ୍ଡ ବୟଫ୍ରେଣ୍ଡକୁ : ବାବୁ ତମକୁ ମୋ କଥା ମନେପଡିଲେ ତମେ କ'ଣ କର ?
ବୟଫ୍ରେଣ୍ଡ: ମୁଁ ଚକୋଲେଟ୍ ଖାଏ।
ଗର୍ଲଫ୍ରେଣ୍ଡ: ମତେ ଚକୋଲେଟ୍ ବହୁତ ପସନ୍ଦ। ସେଥିପାଇଁ ନାଁ ?
ବୟଫ୍ରେଣ୍ଡ: ହଁ। ଏବେ ତମେ କୁହ ମୋ କଥା ମନେ ପଡ଼ିଲେ ତମେ କ'ଣ କର ?
ଗର୍ଲଫ୍ରେଣ୍ଡ: ତୁମ ପରି ଗୁଟ୍‌ଖା ଖାଏ।

### ଚଢେଇ

ଶିକ୍ଷକ: କେଉଁ ଚଢେଇ ବାଦଲଠାରୁ ବି ଉପରେ ଉଡ଼ିପାରେ ?
ଗୁଲୁ: ସାର୍, ମାଛ।
ଶିକ୍ଷକ: ମୂର୍ଖ, ମାଛରେ ପର କ'ଣ ତୋ ବାପା ଲଗେଇଥିଲେ ?
ଗୁଲୁ: ନାଁ, ମୋ ବାପା ତ ପଇସା ନେଇକି ଲୋକଙ୍କ ହାତ ଗୋଡ ଭାଙ୍ଗନ୍ତି।
ଶିକ୍ଷକ: ଓଃ, ପିଲେ ଠିକ୍ ଉତ୍ତର ହେଉଛି ମାଛ।


### ହଇରାଣ

ଗୋଲୁ ବାପାଙ୍କୁ: ବାପା ମୋ ପାଇଁ ଗୋଟେ ଢୋଲ ଆଣିଦିଅ ନା।
ବାପା: ନାଁ, ଜମାରୁ ନୁହଁ। ତୁ ସମସ୍ତଙ୍କୁ ହଇରାଣ କରିବୁ।
ଗୋଲୁ: ପ୍ରମିଜ୍ କରୁଛି ମୁଁ କାହାକୁ ହଇରାଣ କରିବିନି। ସମସ୍ତେ ଶୋଇବା ପରେ ମୁଁ ଢୋଲ ବଜେଇବି।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧

## ପ୍ରାକୃତିକ ଶୋଭାର ଭଣ୍ଡାର

# କେନ୍ଦୁଝର





**କେନ୍ଦୁଝର ଜିଲାରେ ରହିଛି ଏଭଳି ଅନେକ ପର୍ଯ୍ୟଟନସ୍ଥଳୀ, ଯାହା ସାରା ବିଶ୍ୱର ପର୍ଯ୍ୟଟକଙ୍କୁ ଆକୃଷ୍ଟକରି ଟାଣିଆଣେ ନିଜ ଆଡ଼କୁ। ଏହି ଜିଲାର ଘଟଗାଁରେ ରହିଛି ବିଶ୍ୱ ପ୍ରସିଦ୍ଧ ମା' ତାରିଣୀଙ୍କ ମନ୍ଦିର। ତା'ସହିତ ସହର ଉପକଣ୍ଠରେ ରହିଛି ବଡ଼ ଘାଗରା ଓ ସାନ ଘାଗରା ଜଳପ୍ରପାତ। ଏଥିସହ ଜିଲାର ଶୋଭା ବଢାଉଛି ଭୀମକୁଣ୍ଡ ଜଳପ୍ରପାତ ; ଯାହାର ପ୍ରାକୃତିକ ଶୋଭା ଅବର୍ଣ୍ଣନୀୟ। ଭୁବନେଶ୍ୱରଠାରୁ କେନ୍ଦୁଝର ପ୍ରାୟ ୨୩୫ କି.ମି. ଦୂରରେ ଅବସ୍ଥିତ। ତେଣୁ ସଡ଼କ ପଥରେ ଗୋଟିଏ ଦିନ ମଧ୍ୟରେ ସହଜରେ ବୁଲାବୁଲି କରି ଫେରିହୁଏ...**

*** ଘଟଗାଁ ମା'ତାରିଣୀ:** ଲୋକକଥା ଅନୁଯାୟୀ, ଓଡ଼ିଶାର ତତ୍କାଳୀନ ଗଜପତି ମହାରାଜ ମା' ତାରିଣୀଙ୍କୁ କାଞ୍ଚି ବିଜୟ କରି ପୁରୀକୁ ଆଣିଥିଲେ। ପରେ କେନ୍ଦୁଝର ରାଜା ଗୋବିନ୍ଦ ଭଞ୍ଜ ମା'ଙ୍କୁ ପୁରୀରୁ ନିଜ ରାଜ୍ୟକୁ ନେବାକୁ ଇଚ୍ଛା କରିବାରୁ ମା' ସର୍ତ୍ତ ରଖିଥିଲେ ଯେ, କେନ୍ଦୁଝରରେ ପହଞ୍ଚିଲା ପର୍ଯ୍ୟନ୍ତ ରାଜା ପଛକୁ ଫେରି ଚାହିଁବେ ନାହିଁ। ଯେଉଁଠି ରାଜା ପଛକୁ ଫେରି ଚାହିଁବେ, ମା' ସେହିଠାରେ ପଥର ପାଲଟି ରହିଯିବେ। ମା'ଙ୍କ ସର୍ତ୍ତରେ ରାଜିହୋଇ ପରଦିନ ପୁରୀରୁ କେନ୍ଦୁଝର ଅଭିମୁଖେ ଘୋଡ଼ା ଝପଟାଇଲେ ଗୋବିନ୍ଦ ଭଞ୍ଜ। ବଣ, ନଦୀ, ପାହାଡ଼ ପର୍ବତ ପାରକରି ଘୋଡ଼ା ଆଗେଇ ଚାଲିଥାଏ। ବାଟସାରା ମା'ଙ୍କର ନୂପୁରର ରୁଣୁଝୁଣୁ ଶବ୍ଦ ଶୁଣିଶୁଣି ଆଗକୁ ଚାଲିଥାନ୍ତି ରାଜା। ଶାଳଗାଁ ପାରହେଲା ପରେ ଘଞ୍ଚ ଜଙ୍ଗଲ ପଡେ। ସେଠାରୁ ଆରମ୍ଭ ହୋଇଯାଏ ଶାଳ ଅରଣ୍ୟ। ବିରାଟ ବିରାଟ ଶାଳଗଛର ଜଙ୍ଗଲ ଭିତରେ ଛୋଟ ଛୋଟ ଶବରପଲ୍ଲୀ। କେନ୍ଦୁଝର ଆଉ ଅଳ୍ପ ଦୂର ଥାଏ, ମା'ଙ୍କର ନୂପୁରର ଶବ୍ଦ ଆଉ ଶୁଭିଲା ନାହିଁ। ରାଜାଙ୍କ ମନରେ ଶଙ୍କା ଆସିଲା ମା' କ'ଣ ଠକିଦେଇ ବାଟରେ କେଉଁଠି ରହିଗଲେ କି! ସେଇଠି ପଛକୁ ମୁହଁ ବୁଲେଇ ଚାହିଁ ଦେଲେ ସେ। ହଠାତ୍ ଶୂନ୍ୟବାଣୀ ହେଲା କ'ଣ କଲୁରେ ପୁଅ ! ମା'କୁ ଅବିଶ୍ୱାସ କରି ମନା କରିବା ସତ୍ତ୍ୱେ ପଛକୁ ଫେରି ଚାହିଁଲୁ ! ମୁଁ ତ ଏଇଠି ଏଇ ଶାଳଗଛ ତଳେ ପଥର ପାଲଟି ଗଲିରେ ପୁଅ ! ଆଉ ଆଗକୁ ଯାଇପାରିବିନାହିଁ। ତୁ ମୋତେ ଏଇଠି ରଖି ପୂଜାର୍ଚ୍ଚନା କର। ମନସ୍ତାପରେ ଭାଙ୍ଗି ପଡ଼ିଲେ ରାଜା। ହାତଯୋଡ଼ି ମା'ଙ୍କୁ କ୍ଷମା ପ୍ରାର୍ଥନା କଲେ, ହେଲେ ମା' ସେହି ସ୍ଥାନରୁ ଆଉ ପାଦଟିଏ ମଧ୍ୟ ଘୁଞ୍ଚିପାରିଲେ ନାହିଁ। ଅଗତ୍ୟା ଗୋବିନ୍ଦ ଭଞ୍ଜ ସେଇ ଶାଳବଣରେ ହିଁ ମା'ଙ୍କର ଆସ୍ଥାନଟିଏ କରି ସେହି ବନବାସୀ ଦେହୁରୀମାନଙ୍କ ହାତରେ ମା'ଙ୍କର ଯଥାବିଧି ପୂଜାର୍ଚ୍ଚନା କରାଇଥିଲେ ଏବଂ ସେହିଦିନଠାରୁ ମା'ଙ୍କର ନିତ୍ୟନୈମିତ୍ତିକ ସେବା ପାଇଁ ସେମାନଙ୍କୁ ନିଯୁକ୍ତ କରି ମନ ଦୁଃଖରେ କେନ୍ଦୁଝର ରାଜ ଉଆସକୁ ଫେରିଥିଲେ। ଆଉ ପ୍ରତିଦିନ ରାଜ ଉଆସରୁ ଆସି ମା'ଙ୍କ ଦର୍ଶନ କରୁଥିଲେ। ସେହି କାଳରୁ ମା'ତାରିଣୀ କେନ୍ଦୁଝର ଜିଲାର ଇଷ୍ଟଦେବୀ ରୂପେ ଘଟଗାଁରେ ପୂଜା ପାଇ ଆସୁଛନ୍ତି।

*

**ବଡ଼ ଘାଗରା ଓ ସାନ ଘାଗରା:** ମା' ତାରିଣୀ ପୀଠରୁ ପ୍ରାୟ ୫୦ କି.ମି. ଦୂରରେ ରହିଛି ବଡ଼ ଘାଗରା ଜଳପ୍ରପାତ। ସାନମାଛକାନ୍ଦଣା ନଦୀଶଯ୍ୟାର ଜଳ ପର୍ବତ ଶର୍ଯ୍ୟାରୁ ପ୍ରାୟ ୧୦୦ ଫୁଟ ତଳକୁ ଖସି ଏହି ବଡ଼ ଘାଗରା ଜଳପ୍ରପାତ ସୃଷ୍ଟି ହୋଇଛି। ଅନତି ଦୂରରେ ଏହି ଜଳକୁ ଡ୍ୟାମ୍‌ରେ ଧରି ରଖି ଜଳବିଦ୍ୟୁତ୍ ପ୍ରକଳ୍ପ ତିଆରି ହୋଇଛି। ସରକାରଙ୍କ ଦ୍ୱାରା ଏଠାରେ ନିର୍ମିତ ହୋଇଛି ସୁନ୍ଦର ପାର୍କଟିଏ। ନଦୀ ମଝିରେ ସୁଉଚ୍ଚ ଶିବମୂର୍ତ୍ତିଟିଏ ଗଢ଼ାଯାଇଛି ; ଯାହାକୁ କେନ୍ଦ୍ରକରି ନଦୀର କିଛି ଅଂଶରେ ପର୍ଯ୍ୟଟକଙ୍କ ପାଇଁ ବୋଟିଂର ସୁବିଧା କରାଯାଇଛି। କିଛି କିଛି ଦୋକାନ, ବଜାର, ଅସ୍ଥାୟୀ ହୋଟେଲ ମଧ୍ୟ ଖୋଲାଯାଇଛି ଦର୍ଶକଙ୍କ ସୁବିଧା ପାଇଁ। ଆଉ ଏହିଠାରୁ ପ୍ରାୟ ୪ କି.ମି. ଦୂରରେ ରହିଛି ସାନ ଘାଗରା ଜଳପ୍ରପାତ ; ଯେଉଁଠି ପର୍ବତ ଶଯ୍ୟା ଅଳ୍ପ ଟିକିଏ କମ୍ ଉଚ୍ଚତାରେ ରହିଛି ଏବଂ ଜଳସ୍ରୋତର ବେଗ ବି ଅପେକ୍ଷାକୃତ କମ୍ ରହିଛି।

*** ଭୀମକୁଣ୍ଡ:** ସାନଘାଗରା ଓ ବଡ଼ଘାଗରାରୁ ଘଟଗାଁ ଫେରିବା ବାଟରେ ଢେଙ୍କିକୋଟରୁ ବାମ ହାତି ରାସ୍ତାରେ ପ୍ରାୟ ୩୩ କି.ମି. ଦୂରରେ ପଡ଼େ ଭୀମକୁଣ୍ଡ ଜଳପ୍ରପାତ। ଘଞ୍ଚ ଜଙ୍ଗଲ ଭିତରେ ଧଳା ପାହାଡ଼ ଶଯ୍ୟାରେ ଘୋର ଘର୍ଘର ନାଦ କରି ବହିଯାଇଛି ବୈତରଣୀ ନଦୀ। ସେହି ଭୀମ ଭୟଙ୍କର ନାଦରୁ ପାହାଡ଼ ଉପରେ ସୃଷ୍ଟି ହୋଇଛି ବିରାଟ କୁଣ୍ଡଳୀ ଭଳି ସ୍ଥାନଟିଏ ; ଯେଉଁଠି ନଦୀ କୁଣ୍ଡଳୀ ସଦୃଶ ଚକ୍କର କାଟି ପୁଣି ବହିଯାଇଛି ତଳକୁ ତଳକୁ। ଏବେ ପର୍ଯ୍ୟଟକଙ୍କ ପାଇଁ ସେଠାରେ ନଦୀର ଉପର ଭାଗରେ ତିଆରି ହୋଇଛି ବିରାଟ ଏକ ବଗିଚା, ତା' ମଝିରେ ତିଆରି ହୋଇଛି ପଞ୍ଚୁପାଣ୍ଡବଙ୍କ ମଧ୍ୟରୁ ପାଣ୍ଡବ ଭୀମଙ୍କର ସୁଉଚ୍ଚ ମୂର୍ତ୍ତିଟିଏ। ସେଠାରେ ଠିଆହୋଇ ଭୀମକୁଣ୍ଡର ଅପୂର୍ବ ସୁନ୍ଦର ରୂପ ନିରୀକ୍ଷଣ କରିହୁଏ। ଏବେ ସରକାରଙ୍କ ପର୍ଯ୍ୟଟନ ବିଭାଗ ତରଫରୁ ଅନତି ଦୂରରେ ଭୀମକୁଣ୍ଡର ପ୍ରତ୍ୟକ୍ଷ ଦର୍ଶନ କରିବା ପାଇଁ ନଦୀ ଭିତରକୁ ମୁହଁ କରି ତିଆରି ହୋଇଛି ତିନି ମହଲାର ଏକ ୱାଚ୍ ଟାୱାର। ସେଥିରେ ଚଢ଼ି ପର୍ଯ୍ୟଟକମାନେ ଭୀମକୁଣ୍ଡ ଜଳପ୍ରପାତର ଚତୁର୍ଦ୍ଦିଗ ନିରୀକ୍ଷଣ କରିପାରିବେ। କି ସୁନ୍ଦର ସେ ପରିବେଶ ନିଜେ ନ ଦେଖିଲେ ଅନୁଭବ କରିହେବ ନାହିଁ!

### କେବେ ଓ କେମିତି ଯିବେ

ଏଠାକୁ ସରକାରଙ୍କ ପର୍ଯ୍ୟଟନ ବିଭାଗ ତରଫରୁ ବର୍ଷର ସବୁ ସମୟରେ ଗମନାଗମନର ସୁବିଧା କରାଯାଇଛି। ରାଜ୍ୟର ସମସ୍ତ ସ୍ଥାନରୁ ସରକାରୀ, ବେସରକାରୀ ବସ୍ ଅହରହ ଚାଲିଛି ଏଠାକୁ। ଏହାର ନିକଟତମ ରେଳଷ୍ଟେଶନ ହେଉଛି କେନ୍ଦୁଝରଗଡ଼ ରେଳଷ୍ଟେଶନ ଏବଂ ନିକଟତମ ବିମାନବନ୍ଦର ହେଉଛି ଭୁବନେଶ୍ୱର।

*-ସୁଷମା ପରିଜା,*
*ଶାରଳା ଭବନ, ପୋତାପୋଖରୀ,*
*ନୂଆବଜାର, କଟକ-୪*
*ମୋ: ୯୩୩୭୨୭୨୬୪୭*







# ରାତିରେ ଚମକେ ଆଖି

**ଅନ୍ଧାର ରାତିରେ ବିଲେଇ ହେଉକି ବିଲୁଆର ଚମକୁଥିବା ଆଖି ଦେଖି କେବେ ଡରିଛନ୍ତି? ଅନେକେ ନିଶ୍ଚୟ ଏଭଳି ସ୍ଥିତିର ସମ୍ମୁଖୀନ ହୋଇଥିବେ। ଆଉ ମନରେ ପ୍ରଶ୍ନ ବି ଉଠିଥିବ ପ୍ରାଣୀଙ୍କ ଆଖି ଅନ୍ଧାର ରାତିରେ ଚମକେ କାହିଁକି? ଏଥର ଜାଣିବା ଏହାର କାରଣ..**







ରାତିର ଅନ୍ଧକାରରେ ଅନେକ ସମୟରେ ଚିକ୍‌ମିକ୍ ଚଳୁଥିବା ଦୁଇଟି ଆଖି ଦେଖାଯାଏ। ଦେହ ଭୟରେ ଶିହରୀ ଯାଏ। କିନ୍ତୁ ଯେବେ ଜଣାପଡ଼େ ଯେ, ସେଇ ଚମକୁଥିବା ଆଖି ଏକ ବିଲେଇର ଆଶ୍ୱସ୍ତିବୋଧ ହୁଏ। ତେବେ ଏଭଳି ହେବାପଛର କାରଣ ହେଉଛି କିଛି ରାତ୍ରିକାଳୀନ ପ୍ରାଣୀଙ୍କ ଆଖିଡୋଳା ପଛପଟେ ଥିବା ଏକ ବିଶେଷପ୍ରକାରର ଚମକଦାର ଆସ୍ତରଣ ବା ରିଫ୍ଲେକ୍ଟିଭ ଲେୟର, ଯାହାକୁ 'ଟେପିଟମ ଲୁସିଡମ' କୁହାଯାଏ। ଆଖିର ଫୋଟୋରିସେପ୍ଟର୍ସ ମାଧ୍ୟମରେ ଅବଶୋଷିତ ପ୍ରକାଶର ମାତ୍ରାକୁ ଏହି ଟେପିଟମ ଲୁସିଡମ୍ ବଢାଇ ଦେଇଥାଏ। ଏହାକୁ ଏମିତି ବି କୁହାଯାଇପାରେ ଯେ, ଏହି ଆସ୍ତରଣ ଆଲୋକକୁ ପ୍ରତିଫଳିତ କରିଥାଏ ଓ ଏହି ଆସ୍ତରଣ ଦ୍ୱାରା ହିଁ ପ୍ରାଣୀମାନେ ଅନ୍ଧାରରେ ବି ସବୁକିଛି ଭଲଭାବେ ଦେଖିପାରନ୍ତି। ଟେପିଟମ ଲୁସିଡମ ଏମିତି ଏକ ପ୍ରତିବିମ୍ବ କ୍ଷେପକ ପରସ୍ତ ଅଟେ ଯାହା ମେରୁଦଣ୍ଡୀ ପ୍ରାଣୀଙ୍କ ସହ କିଛି ଅମେରୁଦଣ୍ଡୀ ପ୍ରାଣୀଙ୍କଠାରେ ବି ଥାଏ। ଉକ୍ତ ପ୍ରତିବିମ୍ବ କ୍ଷେପକ ପରସ୍ତର କାମ ହେଉଛି ଆଖିରେ ଫୋଟୋ ରିସେପ୍ଟର୍ସ ପାଇଁ ଉପଲବ୍ଧ ଥିବା ପ୍ରକାଶକୁ ବଢାଇବା। ଫୋଟୋ ରିସେପ୍ଟର୍ସ ରେଟିନାରେ ଥିବା ବିଶେଷ ପ୍ରକାରର ନ୍ୟୁରୋନ ଅଟେ ଯାହା ପ୍ରକାଶର ଫୋଟୋନକୁ ଅବଶୋଷିତ କରି ତାକୁ ସଂକେତରେ ପରିବର୍ତ୍ତିତ କରେ। ସରଳ ଭାଷାରେ ଟେପିଟମ ଲୁସିଡମ ହେଉଛି କିଛି ସ୍ତନ୍ୟପାୟୀ ପ୍ରାଣୀଙ୍କ ଆଖିର ପଛଭାଗରେ ଥିବା ଦର୍ପଣ ଅଟେ, ଯାହା ସାହାଯ୍ୟରେ ରାତ୍ରିକାଳୀନ ପ୍ରାଣୀଙ୍କ ଆଖି ଚମକିଥାଏ। ଟେପିଟମ ଲୁସିଡମର ନିଜର ରଙ୍ଗ ବି ଥାଏ। ଫଳରେ କିଛି ପ୍ରାଣୀଙ୍କ ଆଖିର ଚମକ ରଙ୍ଗ ବିରଙ୍ଗି ଦେଖାଯାଇଥାଏ। ଯେମିତିକି ନୀଳ ରଙ୍ଗର ଚମକଦାର ଆଖି କୁକୁରଙ୍କଠାରେ ଦେଖାଯାଏ। ସବୁଜ ରଙ୍ଗର ଆଖି ବାଘଙ୍କର ଦେଖାଯାଏ। ଆଖିର ରଙ୍ଗ ସେଇ ଖଣିଜ ପଦାର୍ଥ ଉପରେ ବି ନିର୍ଭର କରେ ଯାହା ଦ୍ୱାରା ଟେପିଟମ ଲୁସିଡମ କ୍ରିଷ୍ଟାଲ ତିଆରି ହୋଇଥାଏ।

ତେବେ ପ୍ରାଣୀଙ୍କ ଆଖି ଚମକଦାର ହେବାଦ୍ୱାରା ଆମର ଗୋଟେ ଫାଇଦା ହୁଏ ଯେ, ରାତିରେ ଗଲାବେଳେ ରାସ୍ତାରେ ଥିବା ପ୍ରାଣୀ ଉପରେ ଯେତେବେଳେ ଗାଡିର ଲାଇଟ୍ ପଡ଼େ ତା'ର ଆଖି ଚମକିଥାଏ। ଆଉ ଆମେ ରାସ୍ତାରେ କୌଣସି ପ୍ରାଣୀଥିବା ଜାଣିପାରୁ।

# ଝିଅ ନାଁର ଟାଟୁ କରି ରେକର୍ଡ



ବାପ ଝିଅର ସମ୍ପର୍କ ଖୁବ୍ ମଧୁର। ବାପା ପାଇଁ ଝିଅ କୁନି କଣ୍ଢେଇ ହୋଇଥିବାବେଳେ ଝିଅ ପାଇଁ ବାପା ସୁପର୍ ହିରୋ। ସବୁ ବାପା ନିଜ ଝିଅକୁ ଜୀବନଠୁ ବି ବେଶି ଭଲ ପାଆନ୍ତି। ଏମିତିକି ଝିଅ ପାଇଁ ସବୁକିଛି କରିବାକୁ ପ୍ରସ୍ତୁତ ଥାଆନ୍ତି। ୟୁକେର ଜଣେ ବାପା ବି ସେହିଭଳି ନିଜ ଝିଅକୁ ଏତେ ଭଲ ପାଆନ୍ତି ଯେ, ତା' ନାଁର ଟାଟୁ ଦେହରେ ଖୋଦେଇ କରି ରେକର୍ଡ କରିଛନ୍ତି। ସେ ହେଲେ ମାର୍କ ଓୱେନ ଉଭାନ୍ସ। ମାର୍କଙ୍କ ଝିଅର ନାମ ଲୁସି। ସେ ନିଜ ଝିଅକୁ ବହୁତ ଭଲ ପାଆନ୍ତି। ତେଣୁ ପ୍ରଥମେ ତା' ନାଁକୁ ପିଠିରେ ୨୬୭ ଥର ଖୋଦେଇ ଟାଟୁ କରାଇଥିଲେ। ସେଥିପାଇଁ ତାଙ୍କ ନାଁ ଗିନିଜ ୱାର୍ଲଡ ରେକର୍ଡସ୍‌ରେ ବି ସ୍ଥାନ ପାଇଥିଲା। ତେବେ ୨୦୨୦ରେ ଅନ୍ୟ ଜଣେ ବ୍ୟକ୍ତି ଗୋଟିଏ ନାଁକୁ ୩୦୦ ଥର ଶରୀରରେ ଟାଟୁ କରି ତାଙ୍କ ରେକର୍ଡ ଭାଙ୍ଗିଦେଲେ। ତେଣୁ ନିଜ ରେକର୍ଡ ପୁଣି ଥରେ ଫେରି ପାଇବା ଲାଗି ମାର୍କ ନିଜ ଦୁଇଗୋଡରେ ଦୁଇ ଶହ ଦୁଇ ଶହ କରି ୪୦୦ ଟି ଝିଅ ନାଁର ଟାଟୁ କରାଇଲେ। ଫଳରେ ତାଙ୍କ ଶରୀରରେ ସର୍ବମୋଟ ୬୬୭ଟି ଝିଅ ଲୁସି ନାଁର ଟାଟୁ ହେଲା। ଆଉ ସେ ପୁଣି ଥରେ ଗୋଟିଏ ନାଁର ସର୍ବାଧିକ ଟାଟୁ କରିବାର ରେକର୍ଡ କରିବାରେ ସଫଳ ହେଲେ।






## କଥା ଚାଟ୍

ଶ୍ରୀମାନ୍ ସର୍ବଗିଳା

# ଅତି ସର୍ବତ୍ର....

ଗୋଟାଏ କଥା ମନେପଡୁଛି, ଇଚ୍ଛା ହେଲା କହିବାକୁ ତେଣୁ କହୁଛି । ଜଣେ ସାଧୁ ଜଙ୍ଗଲରେ କୁଟିର ନିର୍ମାଣକରି ତପସ୍ୟା କରୁଥିଲେ । କମ୍ବଳ, କମଣ୍ଡଳୁ, କୌପୀନ ଛଡ଼ା ଆଉ ସେମିତି କିଛି ସମ୍ବଳ ନ ଥିଲା ତାଙ୍କର । ବିନା ବାସନରେ ପତରରେ ଖାଇ ଫିଙ୍ଗି ଦେଉଥିଲେ । ଏକମାତ୍ର ଉଦ୍ଦେଶ୍ୟ ଥିଲା ଭଗବତ ଆରାଧନା । କିନ୍ତୁ ବଣୁଆ ମୂଷା ଆସି ସାଧୁଙ୍କ କୌପୀନ କାଟି ଦେଉଥିବାରୁ ଅଧିକାଂଶ ସମୟ ଦିଗମ୍ବର ହୋଇ ରହିବାକୁ ବାଧ ହେଉଥିଲେ । କୌଣସି ଶିଷ୍ୟ ବୁଦ୍ଧି ବତେଇଲେ.. ‘‘ହେ ଗୁରୁଜୀ ! ଆପଣ ତ ମୂଷାମରା ପାପ କରିପାରିବେନି! ତେଣୁ ବିଲେଇଟେ ପୋଷନ୍ତୁ, ଯିଏ ମୂଷାମାରି ତା’ ପେଟଭରିବ, ଆଉ ଆପଣଙ୍କ କୌପୁନି ସୁରକ୍ଷିତ ରହିବ ।’’ ସେଇଆ ହେଲା । ମାତ୍ର ଅଳ୍ପଦିନରେ ଆଉ ମୂଷା ନ ମିଳିବାରୁ, ବିଲେଇ କହିଲା.. ‘‘ସାଧୁଜୀ ! ମୋ ବଞ୍ଚିବାପାଇଁ ଦୁଧ-ଭାତର ବ୍ୟବସ୍ଥା କରାନ୍ତୁ । ଦୁହାଁଳିଆ ଗାଈଟେ ରଖିଲେ, ତା’ କ୍ଷୀରରେ ଆପଣଙ୍କର ଓ ମୋର ଆହାର ହୋଇଯିବ !’’ ତହୁଁ ସାଧୁ ଗାଈ -ବାଛୁରି ଆଣି ଆଶ୍ରମରେ ରଖିଲେ । ଗାଈ କହିଲା, ‘‘ମୋତେ ଘାସ, ପେଜ ଦେଲେ ସିନା ମୁଁ କ୍ଷୀରଦେବି ! ଆଜିକାଲି ଚେଲା କି ଚାକରଙ୍କ ଉପରେ କୋଉ ଭରସା ? ବରଂ ଆମ ପାଇଁ ଆପଣ ବାହାହୋଇ ଘରଣୀଟିଏ ଆଣିଲେ, ସେ ଆପଣଙ୍କୁ ରାନ୍ଧି-ବାଢି ଖୁଆଇବ ଓ ଆମ ଖାଇବା ପିଇବା ଯତ୍ନନେବ ।’’ ବାଧହୋଇ ଗାଈ, ବିଲେଇ ପାଇଁ ପତ୍ନୀ ଗ୍ରହଣକଲେ -ସାଧୁ । କିଛିଦିନ ପରେ ପତ୍ନୀ ଜିଦ୍‌ଧରି କହିଲେ..‘‘ହେ ନାଥ ! କିଆଁ ତମେ ହେଉଥିଲ ବାହା, ଯେବେ ମତେ କରି ନ ପାରିବ ମାଆ ? ଶାସ୍ତ୍ର କହୁଛି, --ମୁନୀ ସିନା ବାହା ହୁଅନ୍ତିନି, ହେଲେ ଋଷି ତ ବାହା ହୁଅନ୍ତି.. ପିଲା-ଛୁଆ ବି କରନ୍ତି । ତେଣୁ ତମେ ବାପା ହେବାରେ ଅସୁବିଧା କେଉଁଠି ?’’ ବିଚରା ଇଚ୍ଛା ନ ଥିଲେ ବି ବାଧରେ ବ୍ରହ୍ମଚାରିଆ ସାଧୁ ବାପାହେଲେ । ସାଧୁପତ୍ନୀ କହିଲେ.. ‘‘ଯାହେଉ, ଏବେ କାମିନୀରୁ ଜନନୀ ହୋଇ ନାରୀଜନ୍ମ ମୋର ସାର୍ଥକ ହେଲା । ପିଲାଟି ବଡ଼ହେବାରୁ ତା’ ପାଠପଢ଼ା ପାଇଁ ଗୋଟାଏ ମାଷ୍ଟର ଯୋଗାଡ଼କରି ରଖିବାକୁ ସାଧୁଙ୍କୁ ବାଧକଲେ ପତ୍ନୀ । ତେଣୁ ଶିକ୍ଷିତ ଯୁବକଟିଏ ଯୋଗାଡ଼କରି ପିଲାକୁ ପଢ଼େଇବାକୁ ଆଣି ଆଶ୍ରମରେ ରଖାଗଲା । ଧୀରେ ଧୀରେ ଯୁବକଟି ପାଠ ପଢ଼ାଉ ପଢ଼ାଉ ବୟସ ଦୋଷରୁ ସାଧୁଙ୍କ ପତ୍ନୀ ସହ ଭିତିରିଆ ଭାବ ବଢ଼େଇ ତାଙ୍କୁ ଧରି ଦିନେ କୁଆଡ଼େ ଫେରାର ହୋଇଗଲା । ବିଚରା ସାଧୁ ପତ୍ନୀହରାକୁ ପିଲା ମା ’ଛେଉଣ୍ଡ ହୋଇଯିବା ଦେଖି କିଛି ହିତାକାଂକ୍ଷୀ ତାଙ୍କୁ ଥାନା, କୋର୍ଟ-କଚେରି ଯିବାକୁ ବୁଦ୍ଧି ବତେଇଲେ । ସେଇ ବୈରାଗୀ ତଥା ସଂସାରିଆ ସାଧୁ ଧ୍ୟାନ-ତପସ୍ୟା ଛାଡ଼ି, ବାରମ୍ବାର ଥାନା-କଚେରି କି ଧାଇଁବା ଦେଖି ବୁଦ୍ଧି ବତେଇଥିବା କେଇଜଣ ହେଁ ହେଁ ହେଇ ହସି ତାଙ୍କ ମଜା ଉଡ଼େଇ ତାଚ୍ଛଲ୍ୟରେ କହିଲେ.. ‘‘ଆହେ ସାଧୁ ! ତମର ପୁଣି କୋର୍ଟ-କଚେରିରେ କି କାମ କିହୋ ? ସେପଟେ ବିରହ ବେଦନାକୁ, ଏମାନଙ୍କ ଅଟ୍ଟହାସ୍ୟ.. କଟା ଘା’ରେ ଲୁଣ ମାଡ଼ିଦେଲା ଭଳିଆ ଲାଗିଲା । ସେଇଠୁ ବିରକ୍ତହୋଇ ଏମିତି ବୈରାଗ୍ୟ ତାଙ୍କ ଭିତରେ ଧସେଇପଶିଲା ଯେ, ଆପଣା ପିଲାକୁ କଚେରି ବାରଣ୍ଡାରେ ଛାଡ଼ି ସାଧୁ, ପରେ ପିନ୍ଧୁଥିବା ବହୁ ବସ୍ତ୍ର ବେଶ ଫୋପାଡ଼ି, ପୁଣି ଦି’ଖଣ୍ଡ କୌପୁନି ଯୋଗାଡ଼ି କୁଆଡ଼େ ଧାଇଁ ପଳେଇ ଅଦୃଶ୍ୟ ହୋଇଗଲେ !

ଆଜ୍ଞା, ସିଏ ସିନା ସନ୍ନ୍ୟାସୀରୁ ସଂସାରୀ... ପୁଣି ସଂସାରୀରୁ ସନ୍ନ୍ୟାସୀ ହୋଇଗଲେ, ମାତ୍ର ଏ ଦୁନିଆରେ ଅଧିକାଂଶ କାମନା-ବାସନରେ ବୁଡ଼ିଥିବା ଘୋର ସଂସାରୀ, ଅବସ୍ଥାଚକ୍ରରେ ପଡ଼ି ବାଧରେ ବୈରାଗୀ ପାଲଟି ଯାଉଛନ୍ତି ! ଆପଣାର ପତ୍ନୀ, ପିଲା ପରିବାର, ଘର ଥାଇ ବି, ନିଜର ଅଧିକାରରୁ ବଞ୍ଚିତ ହୋଇଯାଉଛନ୍ତି... ଯେମିତି ବନ୍ଧୁ-ଚରଣ ଦାସଙ୍କ ଜୀବନ ! ଚରଣ ଦାସେ



ଚାକିରି ଖଣ୍ଡେ କରି, ସୁଧାରିଆ -ସରଳିଆ ପତ୍ନୀ ଚାରୁଲତାଙ୍କୁ ଧରି ଅତି ସାଦା-ସିଧା ଜୀବନ ଜିଉଥିଲେ । ମାତ୍ର ଗଲା ତିନିବରଷ ତଳେ ହଠାତ ତାଙ୍କ ଶାଳକ ଓ ଶଳା-ଭାଉଜଙ୍କ ଆଗମନରେ ତଥା ତାଙ୍କ ହିତ ପରାମର୍ଶରେ, ଜୀବନର ଗତିପଥ ବଦଳିଗଲା । ସେମାନେ ବୁଝେଇଦେଲେ.. ଯେଉଁ ଘରେ ଆଜିକାଲି ସାଇକେଲ ଅଛି -ମୋଟରସାଇକେଲ ନାହିଁ, ଶିଳ ଅଛି -ଗ୍ରାଇଣ୍ଡର ନାହିଁ, ଫ୍ୟାନ ଅଛି-ଏସି ନାହିଁ, ପରିବା ଅଛି -ଫ୍ରିଜ ନାହିଁ, ଫୋନ ଜାଗାରେ ସ୍ମାର୍ଟଫୋନ ନାହିଁ, ରେଡ଼ିଓ ଜାଗାରେ ଏଲଇଡ଼ି ଟିଭି ନାହିଁ, ସେମାନଙ୍କୁ ମଣିଷ ବା ସାମାଜିକ ପ୍ରାଣୀ କୁହାଯିବ ନାହିଁ । ତାଙ୍କୁ ଦରିଦ୍ର -ମୂର୍ଖ -ନିର୍ବୁଦ୍ଧିଆ -ପଛୁଆ ବୋଲି ଧରାଯାଏ । ଛି ଛି ! ଆମକୁ ଏଠାକୁ ଆସିବାକୁ ଲଜ୍ଜା ଲାଗୁଛି । ତାଙ୍କ କଥାର ବାଣାଘାତରେ ଏତେ ପାୱାର ଥିଲା ଯେ, ଚାରୁଦେବୀ ପତିଙ୍କୁ ଚେତେଇଦେଲେ.. ସେଇ ବରଷ ପୂଜା ଅଫର ରିହାତି ମୂଲ୍ୟରେ ମିଳୁଥିବା ଏଇସବୁ ଘରକରଣା ତଥା ସୌଖୀନ ଜିନିଷ ନ କିଣିଲେ, ସେ ଆଉ ତାଙ୍କ ପାଖରେ ରହିପାରିବେନି । କେମିତି ହାତରେ ରାନ୍ଧି ଏକୁଟିଆ ଚଳିବ.. ଚଳୁଥା ! ବିଚରା ଚରଣ ବାବୁ, ଏକମାତ୍ର ପତ୍ନୀ-ଚାରୁଙ୍କ କଥାରେ ତଥା ଶାଳକଙ୍କ ବୁଦ୍ଧିରେ ଜିପିଏଫ ଫଣ୍ଡରୁ ଲୋନ ଉଠେଇ ଏସବୁ ସାମଗ୍ରୀ ଅଢ଼େଇଲକ୍ଷ ଟଙ୍କାରେ ମରିପଡି କଣିଲେ । ପୂଜା-ଅଫର ଡିସ୍‌କାଉଣ୍ଟରେ କୁଆଡ଼େ କୋଡ଼ିଏ ହଜାରଟଙ୍କା ଫାଇଦା ପାଇଲେ ବୋଲି ଶାଳକ ମହାଶୟ ହିସାବ କରି ବୁଝେଇଦେଇଥିଲେ । ହେଲେ ପବନଖାଇ ଚାଲୁଥିବା ତାଙ୍କ ସାଇକେଲ ଜାଗାରେ ଚଢ଼ା ମୂଲ୍ୟର ପେଟ୍ରୋଲ ପିଇ ଗାଡ଼ି ଚାଲିଲା । ଏତେ ଜିନିଷ ଘରେ ଚାଲିବାରୁ, ମୋଟା ଇଲେକ୍ଟ୍ରି ବିଲ୍ ପ୍ରତି ମାସରେ ଦେବାକୁ ପଡ଼ିଲା । କେତେବେଳେ ଫ୍ରିଜ ତ କେତେବେଳେ ଏସି, ପୁଣି କେବେ ୱାଶିଂ ମେଶିନ ତ କେବେ ଗ୍ରାଇଣ୍ଡର ଖରାପ ହୋଇ ଢେର ଢେର ଟଙ୍କା ମରାମତି କରିବା ପାଇଁ ଝାଡ଼ି ହୋଇଗଲା । ତା’ଠୁ ବେଶି ଦୁଃଖ... ଖରାଦିନେ ଏସିର ଥଣ୍ଡାପବନ ଖାଇବାକୁ ଆପଣା ବେଡ଼ରୁମ୍‌ରେ ପଡ଼ୋଶୀ ଦିନସାରା ଭିଡ଼ ଜମେଇଲେ । ଛୁଟିଦିନରେ ଚରଣବାବୁଙ୍କୁ ଖରା ଗରମରେ ବାରଣ୍ଡାରେ ଶୋଇବାକୁ ପଡ଼ିଲା । ଏହାଠୁ ବଳକା ଦୁଃଖ.. ଘରଣୀ ଓ ଚରଣବାବୁ ସ୍ମାର୍ଟ ଫୋନ ବ୍ୟବହାର କଲାଦିନରୁ ପରସ୍ପରଙ୍କୁ ସନ୍ଦେହ କରିବା । ଏଣିକି ଏକ କୋଠରି ଏକ ଖଟରେ ବିତାଉଥିବା ଜୀବନର ସମ୍ପର୍କ ଭିତରେ ବ୍ୟବଧାନ ଅନେକ । ପତ୍ନୀ ଆଗପରି ଆଉ ତାଙ୍କ ସହ କଥା ନ ହୋଇ ଫୋନରେ କାହା କାହା ସହ ଗପିବାକୁ, ଭିଡିଓ କଲ କରିବାକୁ ଅଧିକ ସୁଖ ମଣୁଥିଲେ । ପତ୍ନୀ ଆଉ ପତିଙ୍କୁ ଚା’ପତିରେ କପେ ଚା ପାଇବାକୁ ସମୟ ନ ଥିଲାବେଳେ, କୋଉ ଅଜଣା ଅଶୁଣା ଫୋନ ବନ୍ଧୁଙ୍କୁ ଘରକୁ ନିମନ୍ତ୍ରଣ କରି, ଦାମୀ ଡିସ୍‌ରେ ସୁଆଦିଆ ଭୋଜନ ଖୁଆଇବାରେ ଭାରି ଆନନ୍ଦ ପାଉଥିଲେ । ଏମିତି କରି ଚାରୁଦେବୀଙ୍କ ଚନ୍ଦ୍ରବଦନରୁ ଯେତିକି ହସ ଝରୁଥିଲା, ତା’ଠୁ ଅଧିକ ଅଦୃଶ୍ୟ ଲୁହ ଝରୁଥିଲା ଚରଣବାବୁଙ୍କ ଆଖିରୁ । ଆହା.. ଏମିତି ସୌଖୀନ ସୁଖ ନାଁରେ କେମିତି ଅଧିକାଂଶ ପରିବାରରୁ ଶାନ୍ତି ମରିଯାଉଛି, ସାତଜନମ ସାଥୀ କେଉଁଠି ସାତମାସ କି ସାତ ବର୍ଷରେ ଧୂଳିସାତ ହୋଇଯାଉଛି । ଏଣିକି ଘରକୁ ଫେରିଲେ, ସେ ଦେଖୁଥିଲେ ଅପରିଚିତ ଅନେକ ବନ୍ଧୁମାନେ ତାଙ୍କ ଘରେ ପଶି, ଯେମିତି ତାଙ୍କ ଅଧିକାର ଛଡ଼େଇନେଉଛନ୍ତି, ଯାହା ଅନ୍ତର୍ଦାହକୁ ବହୁଗୁଣିତ କରୁଥିଲା । ସେ ଆଉ ଆଗପରି ସଅଳ ନ ଫେରି ବିଳମ୍ବରେ ଫେରିଲେ । ତୁଣ୍ଡ ଖୋଲିଲେ, ଆଇନ ବଳରେ ମୁଣ୍ଡକାଟିବାର ଭୟ । ସବୁ ଥାଇବି, ଯେମିତି ତାଙ୍କର ବୋଲି କିଛି ନ ଥିଲା । ତାଙ୍କ ଆଖି ଆଗରେ ତାଙ୍କ ହାତଗଢ଼ା ସୁନ୍ଦର ସଂସାର ଦୟନୀୟ ଭାବରେ ଧ୍ୱଂସ ହୋଇଯାଉଥିଲା । ସତେଯେମିତି ଏଇ ଆଧୁନିକତା ବିଧିବଦ୍ଧ ଭାବରେ ଯୋଜନା ତିଆରି କରିସାରିଥିଲା ନିଜ ଭିତର ବୈରାଗ୍ୟ ଭାବକୁ । ଏମିତି ଜିଇବାଠାରୁ ବରଂ ଢେର୍ ଭଲ ବାଡୁଅ ରହି କୌପୀନ ପିନ୍ଧା ବ୍ରହ୍ମଚାରୀ ହେବା...


*-ମଙ୍ଗରାଜପୁର, ପୁରୀ*
*ମୋ: ୭୦୦୮୧୮୮୮୪୭*

## ପୁସ୍ତକ ସମୀକ୍ଷା

### ଫଲ୍‌ଗୁ

**୪୪ତମ ସଂଖ୍ୟା, ଜୁଲାଇ-ଡିସେମ୍ବର ରଥଯାତ୍ରା ବିଶେଷାଙ୍କ-୨୦୨୩, ମୁଖ୍ୟ ସମ୍ପାଦକ ପ୍ରଫେସର ମେଜର ରମାରମଣ ପାଢୀ ଫଲ୍‌ଗୁ ସାହିତ୍ୟ ସଂସଦ,ବ୍ରହ୍ମପୁର ମୂଲ୍ୟ-୧୫୦ଟଙ୍କା**

‘ଫଲ୍‌ଗୁ’ ସାହିତ୍ୟ ପତ୍ରିକାର ୪୪ତମ ବାର୍ଷିକ ସ୍ୱନକ୍ଷତ୍ର ବିଶେଷାଙ୍କ ପ୍ରକାଶିତ ହୋଇଛି। ୧୭ଟି ବିଭାଗରେ ୮୦ଜଣ ପ୍ରାବନ୍ଧିକ, ସାହିତ୍ୟିକ, ଗାଳ୍ପିକ, କବି, ଗବେଷକ, ବୁଦ୍ଧିଜୀବ ଓ ପ୍ରାଧ୍ୟାପକଙ୍କ ବହୁ ଗବେଷଣାମୂଳକ ପ୍ରବନ୍ଧ, ବିଜ୍ଞାନ ଭିତ୍ତିକ ପ୍ରବନ୍ଧ, ଭ୍ରମଣ କାହାଣୀ, ରମ୍ୟ ରଚନା, ଶିଶୁ





ଗଳ୍ପ, ବିଭିନ୍ନ ବିଦେଶୀ ଭାଷାର ଅନୁଦିତ ଗଳ୍ପ ଆଦି ପତ୍ରିକାକୁ ସରସ ସୁନ୍ଦର କରିଛି। ଯେଉଁ ଲେଖକମାନେ ଏହାର କଳେବର ମଣ୍ଡନ କରିଛନ୍ତି, ସେମାନେ ହେଲେ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମିଶ୍ର, ଡ. କମ୍ବୁପାଣି ସାମନ୍ତ, ଡ଼. ଲମ୍ବୋଦର ପାଣିଗ୍ରାହୀ, ଦୀନବନ୍ଧୁ ଶ୍ରୀପଲ୍ଲବ, ଡ.ବିବେକାନନ୍ଦ ପାଣିଗ୍ରାହୀ, ମେଜର ରମାରମଣ ପାଢୀ ଓ ଅନ୍ୟମାନେ। ପତ୍ରିକାଟି ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା।

### କଚଟତପ

**କେଶବ ଚନ୍ଦ୍ର ରାଉତରାୟ, ଦିବ୍ୟ ପ୍ରକାଶନୀ, ସାମନ୍ତରାପୁର ଭୁବନେଶ୍ୱର-୨, ମୂଲ୍ୟ-୧୮୦ଟଙ୍କା**

‘କଚଟତପ’ ଉପନ୍ୟାସିକାର ଲେଖକ କେଶବ ଚନ୍ଦ୍ର ରାଉତରାୟ। ଏଠାରେ ୧୩ଟି ବିଷୟ ରହିଛି। ଲେଖକ ରାଉତରାୟ କାଳୀଯାଇ ଉପନ୍ୟାସିକାରୁ ପ୍ରଥମ ଅଧ୍ୟାୟ ଆରମ୍ଭ କରିଛନ୍ତି। ଏଥିରେ ଜୀବନର ନିଚ୍ଛକ ଚିତ୍ର ଉପସ୍ଥାପିତ





ହୋଇଛି। ଜୀବନର ସାପ ସୀଡୀରେ ଚଢିଲା ବେଳେ ଦାମ୍ପତ୍ୟ ସହିତ ଭେଟ ହୁଏ। ଏଭଳି ଏକ ବ୍ୟାପକ ଜୀବନର କାହାଣୀକୁ ଆବେଗମୟ ରଙ୍ଗରେ ଭିଜେଇ ଦେଇଛନ୍ତି ଗାଳ୍ପିକ ଏହି ଦାମ୍ପତ୍ୟ ଉପନ୍ୟାସିକା ମାଧ୍ୟମରେ। କାହାଣୀ ଆରମ୍ଭ ହୁଏ ଓଡ଼ିଆ ଢଗର କାବ୍ୟିକ ଭାଷାରୁ। କଥିତ ଭାଷା, ଦୈନନ୍ଦିନ ଜୀବନରେ ଭେଟୁଥିବା ଚରିତ୍ର ଆଦି ହେଉଛି ଏହି ଉପନ୍ୟାସିକାର ମହତ୍ତ୍ୱ । ଆଶା ପୁସ୍ତକଟି ନିଶ୍ଚୟ ପାଠକଙ୍କୁ ଛୁଇଁବ ।

### ଆଗ୍ନେୟଗିରିର ଅବଶେଷ

**ରଂଜନ କୁମାର ଦାସ, ପକ୍ଷୀଘର ପ୍ରକାଶନୀ ମଧୁସୂଦନ ନଗର, ଭୁବନେଶ୍ୱର-୧, ମୂଲ୍ୟ-୨୫୦ଟଙ୍କା**

ଏଥିରେ ୧୨ଟି ଗପ ପ୍ରକାଶିତ ହୋଇଛି । ପ୍ରତ୍ୟେକଟି ଗପ ସତ ଘଟଣା ଉପରେ ଆଧାରିତ । ଯାହା ଲେଖକ ନିଜେ ଅଙ୍ଗେ ନିଭାଇଛନ୍ତି ତାକୁ ସେ ଗପ ମାଧ୍ୟମରେ ପାଠକଙ୍କୁ ଭେଟି ଦେଇଛନ୍ତି। ପ୍ରଥମ ଗପର ନାମକରଣ ଅନୁସାରେ ପୁସ୍ତକର ନାକମରଣ ହୋଇଛି । କିପରି ଲେଖକ ବାବୁଲା




ଭାଇ ଘରେ ଗାଁରେ ରହିଛନ୍ତି । ପିଲାବେଳ କଥା ବର୍ଣ୍ଣନା କରୁଛନ୍ତି, ଯୋଗିଆକୁ କିଭଳି ଅଜଗର ଗିଳୁଛି, ସେ ଅଜଗରକୁ କଟୁରିରେ ଚିରି ଦେଉଛି । ଏମିତି ଅନେକ କଥା । ଋଣ ପରିଶୋଧ ଗପରେ କୁଲି ବୁଢା ତାଙ୍କ ବ୍ୟାଗ କିଭଳି ପାହାଡ ଉପରକୁ ବୋହି ନେଉଛି ତାକୁ ରାଜୀବ କପୁରଙ୍କ ହୋଟେଲରେ କାମ କରାଇ ଦେଉଛନ୍ତି । ସେ କିଭଳି କୃତଜ୍ଞତା ଜ୍ଞାପନ କରୁଛି ଆଦି। ପୁସ୍ତକଟି ପାଠକଙ୍କୁ ନିଶ୍ଚୟ ବାନ୍ଧି ରଖିବ ।



# ଆଇରନ୍ ମ୍ୟାନ

ଏଇ ପୃଥିବୀରେ ଅନେକ ଅଜବ ମଣିଷ ଅଛନ୍ତି। ଆଉ କିଛି ବ୍ୟକ୍ତି ତ ନିଜକୁ ଖାସ୍ ଓ ସବୁଠୁ ଭିନ୍ନ କରିବା ଲାଗି ବିଭିନ୍ନ ପ୍ରକାରର ଅଜବ କାମ କରିଥାନ୍ତି। ସେହିଭଳି ଜଣେ ବ୍ୟକ୍ତି ହେଉଛନ୍ତି କ୍ୟୁବାର ୩୩ ବର୍ଷୀୟ ଲିନୋ ତୋମାସେନ୍। ଲିନୋ ଜଣେ ଷ୍ଟ୍ରିଟ୍ ପରଫର୍ମର୍। ସେ କରୁଥିବା କରତବ ଲୋକଙ୍କୁ ବେଶ୍ ଚକିତ କରିଥାଏ। ତାଙ୍କର କରତବ ମଧ୍ୟରେ ଗୋଟିଏ ହେଉଛି ନିଜକୁ ହାତୁଡ଼ିରେ ପ୍ରହାର କରିବା। ସେପୁଣି ଥରେ କି ଦୁଇ ଥର ନୁହେଁ ଦିନତମାମ ସେ ହଜାର ଥରରୁ ଊର୍ଦ୍ଧ୍ୱ ନିଜକୁ ହାତୁଡ଼ିରେ ଖୁବ୍ ଜୋର୍‌ରେ ପ୍ରହାର କରନ୍ତି। କାଳେ ଲୋକେ ଏହାକୁ ଭ୍ରାନ୍ତି ଭାବୁଥିବେ ସେଥିପାଇଁ ସେ ହାତୁଡ଼ି ଲୋକଙ୍କୁ ଦେଇ ତାଙ୍କୁ ପ୍ରହାର କରିବାକୁ ବି କୁହନ୍ତି। ସେଥିପାଇଁ ଅନେକେ ତାଙ୍କୁ 'ଆଇରନ୍ ମ୍ୟାନ' ବୋଲି କୁହନ୍ତି। ଲିନୋ ମାତ୍ର ୧୫ ବର୍ଷ ବୟସର ହୋଇଥିବା ବେଳୁ ନିଜକୁ ହାତୁଡ଼ିରେ ମାରିବା ଆରମ୍ଭ କରିଥିଲେ। ଆଜି ପର୍ଯ୍ୟନ୍ତ ସେ ଲକ୍ଷ ଲକ୍ଷ ଥର ହାତୁଡ଼ି ମାଡ ଖାଇସାରିଲେଣି। ଲିନୋଙ୍କ କହିବା ମୁତାବକ ତାଙ୍କୁ କିଛି କଷ୍ଟ ଅନୁଭବ ହୁଏ ନାହିଁ। ସେ ପୂର୍ବରୁ ଜଣେ ବକ୍ସର ଥିଲେ। ଏଭଳି ହାତୁଡ଼ିରେ ନିଜକୁ ମାରି ସେ ବକ୍ସିଂ ପ୍ରାକ୍ଟିସ୍ କରୁଛନ୍ତି ବୋଲି କୁହନ୍ତି। ମେକ୍ସିକୋରେ ସେ ୨୭ଟି ବକ୍ସିଂ ମ୍ୟାଚ୍‌ରେ ନକ୍‌ଆଉଟ୍ କରି ଜିତିଥିଲେ। ଆଉ ବହୁତ ରୋଜଗାର ବି କରିଥିଲେ। ହେଲେ ସେସବୁକୁ ଘର ଲୋକଙ୍କୁ ଦେଇ ଏବେ ଷ୍ଟ୍ରିଟ ପରଫର୍ମର୍ ପାଲଟିଛନ୍ତି। ଆଉ ଏହା ହିଁ ତାଙ୍କୁ ଆତ୍ମସନ୍ତୋଷ ପ୍ରଦାନ କରୁଛି।




ବ୍ୟାକ୍ ପେଜ୍

# ସ୍ୱେଟ ପାୱାରଡ ସ୍ମାର୍ଟୱାଚ୍



ଆଜିକାଲି ଯୁଗ ସ୍ମାର୍ଟୱାଚ୍‌ର। ପ୍ରାୟ ସମସ୍ତଙ୍କ ହାତରେ ଏବେ ଏହି ଘଣ୍ଟା ଦେଖିବାକୁ ମିଳୁଛି। ତେବେ ଆଗକୁ ଏଭଳି ସ୍ମାର୍ଟୱାଚ୍ ଆସିବାକୁ ଯାଉଛି ଯାହାକି ପିନ୍ଧିଥିବା ବ୍ୟକ୍ତିଙ୍କ ଝାଳ ଦ୍ୱାରା ଚାର୍ଜ ହେବ। ସ୍କଟଲାଣ୍ଡର ୟୁନିଭର୍ସିଟି ଅଫ୍ ଗ୍ଲାସଗୋର ବୈଜ୍ଞାନିକମାନେ ଏହାକୁ ନେଇ ଗବେଷଣା ଜାରି ରଖିଛନ୍ତି। ଆଉ ଏମିତି ଏକ ଟେକ୍ନୋଲୋଜି ବିକାଶ କରିଛନ୍ତି ଯାହାଦ୍ୱାରା ସ୍ମାର୍ଟୱାଚ୍‌ଟି ଝାଳର ଆଇଓନ୍ ଦ୍ୱାରା ଚାର୍ଜ ହୋଇଯିବ। ସାଧାରଣତଃ ସ୍ମାର୍ଟୱାଚ୍ ବ୍ୟାୟାମ କଲାବେଳେ ପିନ୍ଧାଯାଏ। କାରଣ ସେଥିରେ ଥିବା ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଫିଚର ଯେମିତିକି କେତେ କ୍ୟାଲୋରୀ ବର୍ନ ହେଲା, ହୃଦସ୍ପନ୍ଦନ କେତେ ଅଛି, ଅମ୍ଳଜାନ ସ୍ତର କେତେ ଅଛି ଆଦି ବେଶ୍ ଉପାଦେୟ। ଆଉ ବ୍ୟାୟାମ କଲାବେଳେ ତ ଝାଳ ଯେମିତି ହେଲେ ବୋହିଥାଏ। ତେଣୁ ଏହି ୱାଚ ବେଶ ଆରାମରେ ଝାଳ ଦ୍ୱାରା ଚାର୍ଜ ହୋଇଯିବ। ହେଲେ ଉକ୍ତ ଟେକ୍ନୋଲୋଜି ଏବେ ଗବେଷଣା ସ୍ତରରେ ଅଛି। ଖୁବ୍ ଶୀଘ୍ର ଏହା ବାସ୍ତବ ରୂପ ନେବ। ଆଉ ସମସ୍ତଙ୍କ ହାତରେ ଦିନେ ସ୍ମାର୍ଟୱାଚ୍ ବଦଳରେ ସ୍ୱେଟ୍ ୱାଚ ଥିବ ବୋଲି ଆଶା କରାଯାଉଛି।

# ୫୦୦୦ କଙ୍କଡା ବିଛା ସହ ୩୩ ଦିନ



କଙ୍କଡ଼ା ବିଛା ଦେଖିବାମାତ୍ରେ ବହୁତ ଡର ଲାଗେ। କାରଣ ଏହାର ଦଂଶନ ବେଶ୍ କଷ୍ଟଦାୟକ। କିଛି କଙ୍କଡା ବିଛାର ଦଂଶନରେ ତ ବେଳେବେଳେ ମୃତ୍ୟୁ ବି ହୋଇଯାଏ। ତେବେ ଜାଣନ୍ତି କି ଏମିତି ବି ଜଣେ ମହିଳା ଅଛନ୍ତି ଯେକି ଏହି ବିଷାକ୍ତ କଙ୍କଡା ବିଛାକୁ ଜମାରୁ ଡରନ୍ତି ନାହିଁ। ବରଂ ସେ ହଜାର ହଜାର କଙ୍କଡା ବିଛାଙ୍କ ସହ ଅନେକ ଦିନ ରହି ରେକର୍ଡ କରିଛନ୍ତି। ସେ ହେଉଛନ୍ତି ଥାଇଲାଣ୍ଡର ୩୯ ବର୍ଷୀୟା ମହିଳା କଞ୍ଚନା କେତକି। କଞ୍ଚନା ଗୋଟେ କି ଦୁଇଟି ନୁହେଁ ୫୦୦୦ କଙ୍କଡା ବିଛା ସହ ୩୩ ଦିନ ବିତାଇ ଗିନିଜ ୱାର୍ଲ୍ଡ ରେକର୍ଡସ୍‌ରେ ସ୍ଥାନ ପାଇଛନ୍ତି। ତାଙ୍କର ଏଭଳି ଦୁଃସାହସିକ କାମ ପାଇଁ ତାଙ୍କୁ 'କୁଇନ୍ ଅଫ୍ ସ୍କର୍ପିଅନସ୍' କୁହାଯାଏ। କେବଳ ଯେ ସେ ଏହି ବିଛା ସହ ରହିଛନ୍ତି ତାହା ନୁହେଁ କଙ୍କଡା ବିଛାକୁ ନିଜ ମୁହଁ ଉପରେ ୩ ମିନିଟ ୨୮ ସେକେଣ୍ଡ ରଖି ଆହୁରି ଏକ ରେକର୍ଡ କରିଛନ୍ତି। ସେ ମୁହଁ ଉପରେ କଙ୍କଡା ବିଛା ରଖିବା ସହ ତାକୁ ପାଟି ଭିତରେ ବି ପୁରାଇ ପାରନ୍ତି। ତାଙ୍କର ଏଭଳି ଦୁଃସାହସ ଦେଖି ସମସ୍ତେ କହନ୍ତି ସତରେ କଞ୍ଚନା ଭିନ୍ନ ଓ ସ୍ୱତନ୍ତ୍ର। ସେ ଅନ୍ୟ ମହିଳାଙ୍କଠାରୁ ସମ୍ପୂର୍ଣ୍ଣ ଭିନ୍ନ।

